


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS




RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୩୩ ଭୁବନେଶ୍ୱର ଶନିବାର, ଜାନୁୟାରୀ ୨୫.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.133 Bhubaneswar, Saturday, January 25, 2025


# ଅସୁରକ୍ଷିତ ରାଜଧାନୀ ଅପରାଧୀଙ୍କ ଆତଙ୍କରାଜ

## ରାଜଧାନୀରେ ବିଲ୍‌ଡରଙ୍କୁ ଗୁଳିମାଡ଼, ଖାଲି ଖୋକା ଧରି ଅପରାଧୀଙ୍କୁ ଖୋଜୁଛି ପୁଲିସ

ଭୁବନେଶ୍ୱର,୨୪/୧ : ଦିନକୁ ଦିନ ଅସୁରକ୍ଷିତ ହେଉଛି ରାଜଧାନୀ। ନିକଟରେ ପ୍ରବାସୀ ଭାରତୀୟ ଦିବସ ପାଇଁ ପୁଲିସ ଛାଉଣୀ ମଧ୍ୟରେ ଥିବା ସହରର ରାଜପଥରେ ସଫେଇ କର୍ମଚାରୀ ସଂଘ ନେତାଙ୍କ ମୁଣ୍ଡ କାଟି ହତ୍ୟା କରାଗଲା। ଏହି ଘଟଣାକୁ ଦୁଇ ସପ୍ତାହ ଯାଇନାହିଁ, ଜନଗହଳିପୂର୍ଣ୍ଣ ବିଜେପି ନଗର ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରିଛନ୍ତି ଅପରାଧୀ। ଜଣେ ବିଲ୍‌ଡ଼ର ଗୁଳିମାଡ଼ରେ ଆହତ ହୋଇଛନ୍ତି। ତାଙ୍କ ଜଙ୍ଘ ଓ ଓ ହାତରେ ଗୁଳି ବାଜିଥିବା କୁହାଯାଉଛି । ତେବେ ଗୁଳିମାଡ଼ ଖବର ପାଇ ପୁଲିସ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ବିଲ୍‌ଡ଼ର ଚିକିତ୍ସା ପାଇଁ ଏକ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଚାଲି ଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ପୁଲିସ ଗୁଳିର ଖୋକା ଓ ରକ୍ତର ନମୁନା ନେଇ ଖାଲି ହାତରେ ଫେରିଛି । କେଉଁ ବିଲ୍‌ଡ଼ରଙ୍କୁ ଗୁଳିମାଡ଼ ହୋଇଛି, କିଏ ଗୁଳିମାଡ଼ କରିଛି ସେ ସମ୍ପର୍କରେ ପୁଲିସ କିଛି ସ୍ପଷ୍ଟ କରିନାହିଁ । ସୂଚନା ଅନୁସାରେ ବିଜେବି ନଗର ଅଞ୍ଚଳରେ ରହୁଥିବା ଜଣେ ବିଲ୍‌ଡରଙ୍କ ସହ କିଛି ବ୍ୟକ୍ତିଙ୍କର ଟଙ୍କା ନେଣଦେଣ ଥିଲା। ସେହି ବ୍ୟକ୍ତିମାନଙ୍କଠାରୁ ବିଲ୍‌ଡ଼ର ଜଣକ ଟଙ୍କା ନେଇଥିଲେ ଓ ସେମାନଙ୍କୁ ଘର ଯୋଗାଇ ଦେବାକୁ କହିଥିଲେ। ମାତ୍ର ନିଜ କଥା ସେ ରଖି ପାରି ନ ଥିଲେ ଓ ଘର ବା ଜମି ଯୋଗାଇ ଦେଇ ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଆଜି ଅପରାହ୍ନରେ ଟଙ୍କା ଦେଇଥିବା ବ୍ୟକ୍ତିମାନେ ସମ୍ପୃକ୍ତ ବିଲ୍‌ଡ଼ରଙ୍କୁ ଘଟଣାର ଆପୋଷ ସମାଧାନ ପାଇଁ ଡ଼ାକିଥିଲେ। ମାତ୍ର ସେଠାରେ କଥାବାର୍ତ୍ତା ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ କ୍ରୋଧାନ୍ୱିତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ସମ୍ପୃକ୍ତ ବିଲ୍‌ଡ଼ରଙ୍କ ଗୋଡ଼କୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିଲା। ଏହି ସମୟରେ ବିଲ୍‌ଡ଼ରଙ୍କ ଜଣେ ସହଯୋଗୀ ବିରୋଧ କରିବାରୁ ତାଙ୍କ ଉପରକୁ ମଧ୍ୟ ଅଭିଯୁକ୍ତମାନେ ଗୁଳି ଚଳାଇଥିଲେ। ସେମାନେ ଆହତ ହୋଇ ପଡ଼ିଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଖବର ପାଇ ବିଲ୍‌ଡ଼ରଙ୍କ ସହଯୋଗୀମାନେ ଘଟଣାସ୍ଥଳରୁ ସେମାନଙ୍କୁ କଟକ ରୋଡ୍‌ସ୍ଥିତ ଏକ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଆଇସିୟୁ ବ୍ୟବସ୍ଥା ନ ଥିବାରୁ ଗୁଳିବିଦ୍ଧ ଅବସ୍ଥାରେ ସମ୍ପୃକ୍ତ ବିଲ୍‌ଡ଼ରଙ୍କୁ ସେମାନେ ଅନ୍ୟତ୍ର ଚିକିତ୍ସା ପାଇଁ ନେଇ ଯାଇଥିଲେ। ଅନ୍ୟପକ୍ଷରେ ପୁଲିସ ଗୁଳିମାଡ଼ ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ କାହାରିକୁ ପାଇ ନ ଥିଲା। ଘଟଣାସ୍ଥଳରୁ ଖାଲି ଖୋକା ଓ ରକ୍ତ ନମୁନା ସଂଗ୍ରହ କରି ଅପରାଧୀ ଏବଂ ଆହତଙ୍କ ସନ୍ଧାନ କରିଥିଲା । ସିସିଟିଭି ଫୁଟେଜ ଯାଞ୍ଚ କରି ଆହତଙ୍କୁ ଚିହ୍ନଟ କରି ପୁଲିସ ସେମାନଙ୍କୁ ଠାବ କରିଥିବା ଜଣାପଡ଼ିଛି। ସେହିପରି ଗୁଳିମାଡ଼ ଘଟିଥିବା ଅଞ୍ଚଳରେ ସିସିଟିଭି ଫୁଟେଜ୍ ସଂଗ୍ରହ ସହ ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରୁଛି । ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ।




## ଜାନୁଆରୀରୁ ଡରାଇଲାଣି ଖରା



ଭୁବନେଶ୍ୱର,୨୪/୧ : ଜାନୁଆରୀରୁ ଡରାଇଲାଣି ଖରା ତାତି। ସକାଳୁ ଟାଏଁ ଟାଏଁ ଖରା ଆରମ୍ଭ ହୋଇଯାଉଛି। ଦିନ ଦ୍ୱିପ୍ରହରରେ ପ୍ରବଳ ଖରା ଅନୁଭୂତ ହେଉଛି। ଗତ ୨-୩ ଦିନ ହେବ ରାଜ୍ୟରେ ଏଭଳି ଖରା ଅନୁଭୂତ ହେଉଥିବା ବେଳେ ବୁଧବାର ଏକାଧିକ ସହରରେ ତାପମାତ୍ରା ୩୫ ଡିଗ୍ରୀ ନିକଟତର ହୋଇଛି। ପାରଳାଖେମୁଣ୍ଡିରେ ରାଜ୍ୟର ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ତାପମାତ୍ରା ୩୪.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସୁନ୍ଦରଗଡ଼ରେ ୩୩.୫, କୋରାପୁଟ ୩୩.୨, ଝାରସୁଗୁଡ଼ା ଓ ବରଗଡ଼ରେ ତାପମାତ୍ରା ୩୩ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ଏହା ବ୍ୟତୀତ ମୋଟ୍ ୨୧ ଟି ସହରରେ ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଏହାଠାରୁ ତାପମାତ୍ରା ଅଧିକ ରହିଛି। ଭୁବନେଶ୍ୱରରେ ତାପମାତ୍ରା ୩୧.୯ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଏହି ତାତି ସହ କୋରାପୁଟରେ ଜାନୁଆରୀ ମାସର ତାତି ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ୨୦୦୯ ଜାନୁଆରୀ ୩୦ରେ କୋରାପୁଟରେ ତାମପାତ୍ରା ୩୨.୬ ଡିଗ୍ରୀ କରାଯାଇଥିଲା, ଯାହାକି ଆଜିର ୩୩.୨ ଡିଗ୍ରୀ ତାପମାତ୍ରା ଏହି ରେକର୍ଡକୁ ଭାଙ୍ଗିଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ, ଓଡ଼ିଶା ଉପରେ ଏବେ ଗୋଟିଏ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହାଦ୍ୱାରା କିଛି ଦିନ ହେବ ରାଜ୍ୟକୁ ପ୍ରବାହିତ ହେଉଥିବା ଶୁଷ୍କ ଓ ଥଣ୍ଡା ବାୟୁ ଆସୁ ନ ଥିବାରୁ ଆକାଶ ନିର୍ମଳ ରହିବା ସହ ପୃଥିବୀ ଉପରେ ସିଧାସଳଖ ସୂର୍ଯ୍ୟକିରଣ ପଡୁଛି। ଏଥିପାଇଁ ଖରାଟିଆ ପାଗ ସହ ତାପମାତ୍ରା ଅଧିକ ରହୁଛି। ଏହି ସ୍ଥିତି ପ୍ରାୟ ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ଥିବା ବେଳେ ଭୋର ସମୟରେ ଅନେକ ସ୍ଥାନରେ ଘନ କୁହୁଡ଼ି ଆଶଙ୍କା କରାଯାଉଛି।

## ଲୋକଙ୍କ ନିଦ ହଜାଇଛି ସୁନା ଦର




ଭୁବନେଶ୍ୱର,୨୪/୧ : ସୁନା ବଜାରରେ ଲାଗିଛି ନିଆଁ । ବିବାହ ଋତୁରେ ଅହେତୁକ ଭାବେ ସୁନା ଦର ବୃଦ୍ଧି ସାଧାରଣ ଲୋକଙ୍କ ଚିନ୍ତାର ବିଷୟ ହୋଇପଡିଛି । ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦାମ ୮୨ ହଜାର ଟପିଥିବା ବେଳେ ୨୨ କ୍ୟାରେଟ ସୁନାର ଦାମ ୧୦ ଗ୍ରାମ ପିଛା ଦର ୭୫ ହଜାର ଡେଇଁଛି । ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ସୁନା ଦରରେ ବୃଦ୍ଧି ଦେଖିବାକୁ ମିଳିଛି । ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ସୁନାରେ ନିବେଶ ପାଇଁ ଲୋକେ ଆଗ୍ରହ ପ୍ରକାଶ କରିଛନ୍ତି । ଟ୍ରମ୍ପଙ୍କ ବିଭିନ୍ନ ନିଷ୍ପତ୍ତି ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି କରିବା ଆଶଙ୍କା କରି ଅଧିକାଂଶ ଲୋକ ଏବେ ସୁନାରେ ନିବେଶ କରୁଛନ୍ତି । ଅର୍ଥନୀତିରେ ଅସ୍ଥିରତା ବେଳେ ସୁନାରେ ନିବେଶ ବେଶ ସୁରକ୍ଷିତ। ସେହିଭଳି ଡଲାର ଦୁର୍ବଳ ହେବା ମଧ୍ୟ ସୁନା ଦର ବୃଦ୍ଧି ପଛର ଅନ୍ୟ ଏକ କାରଣ। ବିବାହ ଋତୁରେ ସୁନା ଦର ବୃଦ୍ଧି ଏବେ ସାଧାରଣ ଲୋକଙ୍କ ନିଦ ଉଡାଇଛି ।

## ବିଶ୍ୱକୁ ହଇଜା ଟିକା ଯୋଗାଇବ ଓଡ଼ିଶା

ଭୁବନେଶ୍ୱର,୨୪/୧ : ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆ ସ୍ଥିତ ବାୟୋଟେକ୍ ପାର୍କରେ ସାପିଜେନ୍ ବାୟୋଲୋଜିକ୍ସ ଚଳିତ ବର୍ଷରୁ ଉତ୍ପାଦନ ଆରମ୍ଭ ହେବ ହଇଜା ଟିକା । ପାଟିରେ (ଓରାଲ) ଦିଆଯାଉଥିବା ଏହି ହଇଜା ଟିକା ଉତ୍ପାଦନ ହେବା ପରେ ସାରା ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିବ ଓଡ଼ିଶା। ଏଠାରେ ପ୍ରାୟ ୧୦ ପ୍ରକାର ଟିକା ଉତ୍ପାଦନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ବାର୍ଷିକ ୮୦୦ କୋଟି ଡୋଜ୍ ଟିକା ଉତ୍ପାଦନ ହୋଇପାରିବ। ନିକଟରେ ଓଡିଶା ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ଏହି ଟିକା ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ସନ୍ତୋଷବ୍ୟକ୍ତ କରିଥିଲେ। ୨୦୧୮ ମସିହାରେ ନବୀନ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ମେକ୍ ଇନ୍ ଓଡିଶା କନକ୍ଲେଭ୍ ଅବସରରେ ଭାରତ ବାୟୋଟେକ୍ ପକ୍ଷରୁ ଓଡିଶାରେ ଟିକା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା। ଏବେ ଏହି ଟିକା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିପାଇଁ କମ୍ପାନୀ ଏଥିପାଇଁ ୧୫୦୦ କୋଟି ଟଙ୍କା ବିନିଯୋଗ କରିଛି ।ବିଶ୍ୱରେ ଦ୍ୱିତୀୟ କେନ୍ଦ୍ର ଭାବେ ଭୁବନେଶ୍ୱରରେ ପାଟିରେ ଦିଆଯାଉଥିବା ହଇଜା ଟିକା ଉତ୍ପାଦନ ହେବ। ଏଥିସହ ମ୍ୟାଲେରିଆ, ପୋଲିଓ, ଚିକୁନ ଗୁନିଆ, ଜିକା, କୋଭିଡ୍ ଜଟିଳ ରୋଗ ଆଦି ପାଇଁ ୧୦ ପ୍ରକାର ଟିକା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଠାରୁ ଟିକାର ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେଲେ ବିଶ୍ୱରେ ହଇଜା ବିରୋଧୀ ଅଭିଯାନକୁ ବଳ ମିଳିବ। ମୁହଁରେ ଦିଆଯାଉଥିବା ହଇଜା ଟିକାର ଅଭାବ ବିଶ୍ୱସ୍ତରରେ ଥିବା ବେଳେ ଏଠାରୁ ଉତ୍ପାଦନ ଆରମ୍ଭ ଉପରେ ସମସ୍ତଙ୍କ ନଜର ରହିଛି। ଏଠାରୁ ପ୍ରଥମ ଥର ପାଇଁ ମ୍ୟାଲେରିଆ ଟିକା ଆରଟିଏସ୍ ଏବଂ ପୋଲିଓ ଟିକା ଉତ୍ପାଦନ ହେବ। ହାଇଦ୍ରାବାଦ ଠାରୁ ନେଇ ଅରୁଣାଚଳ ପ୍ରଦେଶ ମଧ୍ୟରେ ଟିକା ଉତ୍ପାଦନ କେନ୍ଦ୍ର ନଥିବା ବେଳେ ପୂର୍ବ ଭାରତରେ ଏହି କେନ୍ଦ୍ର ଟିକା ଉତ୍ପାଦନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଅଧିକାର କରିବ ବୋଲି କୁହାଯାଇଛି।

## ଫେବୃଆରୀ ୫ରୁ ଟିକେଟ୍ ବିକ୍ରି



ଭୁବନେଶ୍ୱର,୨୪/୧ : ଫେବୃଆରୀ ୯ରେ ଦୁଲୁକିବ ବାରବାଟୀ । ଐତିହାସିକ ବାରବାଟୀ ଷ୍ଟାଡିଅମରେ ଖେଳାଯିବ ଭାରତ ବନାମ ଇଂଲଣ୍ଡ ଏକଦିବସୀୟ ମ୍ୟାଚ । ଏନେଇ ଷ୍ଟାଡିଅମରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ କ୍ରୀଡା ବିଭାଗ ଓ ଓଡ଼ିଶା କ୍ରିକେଟ ସଂଘଙ୍କ ମଧ୍ୟରେ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଫେବୃଆରୀ ୨ରେ ଜୋମାଟୋ ଓ ପେଟିଏମରେ ଉପଲବ୍ଧ ହେବ ୪୦୦୦ ଅନଲାଇନ ଟିକେଟ । ସେହିପରି ୫ ଓ ୬ ତାରିଖରେ ସାଧାରଣ ଦର୍ଶକଙ୍କ ପାଇଁ ୧୯ ହଜାରରୁ ୨୦,୦୦୦ ଅଫଲାଇନ ଟିକେଟ ଉପଲବ୍ଧ ହେବ । ଅବଶିଷ୍ଟ ଅନୁବନ୍ଧିତ ୟୁନିଟକୁ ଟିକେଟ ପ୍ରଦାନ କରିବ ଓସିଏ । ଅଫଲାଇନ ଟିକେଟ ବିକ୍ରି ସମୟରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ହେବ । ୪ଟି ବ୍ୟାରିକେଡ ମଧ୍ୟରେ ୬ଟି କାଉଣ୍ଟରରୁ କ୍ରିକେଟ ଫ୍ୟାନ୍ସ ଟିକେଟ କିଣିବେ । ଏହାଛଡ଼ା ପ୍ରଥମ ଥର ପାଇଁ ଏଥର ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ଗୌରବ ଆଣିଥିବା ବ୍ୟକ୍ତିଙ୍କୁ ନେଇ ଲିଜେଣ୍ଡାରୀ ବକ୍ସର ଆୟୋଜନ କରାଯାଇଛି । ଉଭୟ ଉପର, ତଳ ବାଲିଯାତ୍ରା ପଡ଼ିଆ ଓ ସତ୍ୟବ୍ରତ ଷ୍ଟାଡିଅମରେ ଖୋଲିବ ଫ୍ୟାନ୍ କ୍ଲବ । ଯେଉଁଠି ଖେଳର ମଜା ସହ ସହର ଦହିବରା ଆଳୁଦମରୁ ଆରମ୍ଭ କରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇ ପାରିବେ ଫ୍ୟାନ୍ସ । ମ୍ୟାଚ ଦେଖିବା ପାଇଁ ଷ୍ଟାଡିଅମ ଆସୁଥିବା ଦର୍ଶକ ମାନଙ୍କ ପାଇଁ ସୁଲଭ ମୂଲ୍ୟରେ ସମସ୍ତ ଗ୍ୟାଲେରୀରେ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ । ଏହାବ୍ୟତୀତ ଅଫଲାଇନ୍ ଟିକେଟ କିଣିବା ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେନେଇ ସବୁ ବ୍ୟବସ୍ଥା କରାଯାଇଥିବା କହିଛନ୍ତି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଅନ୍ୟପଟେ ଏହି ଏକଦିବସୀୟ ମ୍ୟାଚକୁ କିପରି ସୁରକ୍ଷିତ ଭାବରେ ଆୟୋଜିତ କରାଯିବ ସେନେଇ ଆଜି ପୋଲିସ କମିଶନରଙ୍କ ସମେତ ଡିସିପି, ଅଗ୍ନିଶମ ଅଧିକାରୀ ଷ୍ଟାଡିଅମ ବୁଲି ସମୀକ୍ଷା କରିଛନ୍ତି । ମୋଟ ୪୪୦୦୦ ଦର୍ଶକ ମ୍ୟାଚ ଦେଖିବା ପାଇଁ ଷ୍ଟାଡିଅମକୁ ପ୍ରବେଶ କରିବେ । ସେହି ସମୟରେ ସମସ୍ତ ଗ୍ୟାଲେରୀ, ଅତିଥିଙ୍କ ବସିବା ସ୍ଥାନ ଓ ଦର୍ଶକ କିପରି ଶୃଙ୍ଖଳିତ ଖେଳ ଉପଭୋଗର କରିବେ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ପୋଲିସ କମିଶନର ଓ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଉଭୟ ଷ୍ଟାଡିୟମ ଭିତର ପାର୍ଶ୍ୱ ଓ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଇଛି । ସେପଟେ ଆସନ୍ତା ୭ ତାରିଖରେ ଉଭୟ ଟିମ୍ ଭୁବନେଶ୍ୱରରେ ପହଞ୍ଚିବେ । ଭୁବନେଶ୍ୱର ପହଞ୍ଚିବା ପରେ ଦୁଇ ଦଳ ମେ' ଫେୟାର ହୋଟେଲରେ ରହିବେ । ଏହାପରେ ୮ ତାରିଖରେ ଉଭୟ ଦଳ ଦୁଇଟି ପର୍ଯ୍ୟାୟରେ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ ।

## କଳବଳ କରୁଛି ଘନ କୁହୁଡ଼ି

ଭୁବନେଶ୍ୱର,୨୪/୧ : ଟ୍ୱିନ୍ ସିଟିରେ ଘନ କୁହୁଡ଼ି। ଆଜି ବଡ଼ି ଭୋରରୁ ଟ୍ୱିନ ସିଟି ସହ ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଘନ କୁହୁଡ଼ି ଯୋଗୁ ଗାଡ଼ି ଚଳାଚଳରେ ବାଧା ଉପୁଜିଛି। ରାଜଧାନୀ ଭୁବନେଶ୍ୱର ସହ କଟକରେ ବି ଆଜି ସକାଳେ କୁହୁଡ଼ିର ମୋଟା ଆସ୍ତରଣ ଜମିଛି। ଦୃଶ୍ୟମାନ ଦୂରତା ଖୁବ୍ କମ୍ ଥିବାରୁ ଲୋକେ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସକାଳେ ଲୋକେ ଗାଡ଼ି ଲାଇଟ ଲଗାଇ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଏତେ କୁହୁଡି ଯେ, ମୁହଁକୁ ମୁହଁ ଦିଶୁନାହିଁ। ୧୦୦ ମିଟର ଦୂରତାରୁ ମଧ୍ୟ ମୁହଁ ଦିଶୁନି। ଫଳରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ସାଧାରଣ ଜନଜୀବନ ମଧ୍ୟ ବ୍ୟାଘାତ ହୋଇଛି। ସେହିପରି ପୁରୀରେ ମଧ୍ୟ ଘନ କହୁଡ଼ି ଦୃଶ୍ୟମାନ ହୋଇଛି। କହୁଡ଼ି ଯୋଗୁ ଗାଡ଼ିଚଳାଚଳରେ ଅସୁବିଧା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ରାଜ୍ୟରେ କିଛି ଦିନ ହେବ ଶୀତର ଲହରୀ ଜାରି ରହିଥିଲା। ସକାଳ ଓ ରାତି ସମୟରେ ଘରୁ ବାହାରିବା କଷ୍ଟ ହୋଇ ପଡୁଥିଲା। ସକାଳେ କୁହୁଡିର ଚାଦର ଢାଙ୍କି ହୋଇଯାଉଥିଲା। ସନ୍ଧ୍ୟା ହେବା ମାତ୍ରେ ମାଡ଼ି ଆସୁଥିଲା ଜାଡ଼। ଦେହ ଥରାଇ ଦେଉଥିଲା କୋହଲା ପବନ। ବିଶେଷକରି ଉପାନ୍ତ ଓ ପାହାଡିଆ ଅଞ୍ଚଳମାନଙ୍କରେ ଅଧିକ ଶୀତ ଅନୁଭୂତ ହେଉଥିଲା।

## ୪୦ ହଜାର ନିଯୁକ୍ତି ଦେବେ ରାଜ୍ୟ ସରକାର



ଭୁବନେଶ୍ୱର,୨୪/୧ : ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ରାଜ୍ୟ ସରକାର ଆଜି ପ୍ରାକ୍ ବଜେଟ୍ ବୈଠକ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧକ୍ଷତା କରିଛନ୍ତି। ବୈଠକରେ ଆଗାମୀ ଆର୍ଥିକ ବର୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବ୍ୟବସାୟ ଆଦି ପ୍ରମୁଖ ଦିନରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆସନ୍ତା ଫେବ୍ରୁଆରି ୧୭ ତାରିଖରେ ବଜେଟ୍ ପାଇଁ ଆଲୋଚନା ହୋଇଛି। ପୂର୍ବତନ ଅର୍ଥମନ୍ତ୍ରୀ ଓ ଅର୍ଥ ବିଶେଷଜ୍ଞମାନେ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଏତଦ୍ ବ୍ୟତୀତ ଜନସାଧାରଣ ମଧ୍ୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମତାମତ ଦେଇପାରିବେ। ରାଜ୍ୟ ସରକାର ଦେଢ଼ ଲକ୍ଷ ନିଯୁକ୍ତି ନେଇ ପ୍ରତିଶ୍ରୁତି ରଖିଥିଲେ। ଚଳିତ ବର୍ଷ ସରକାର ୪୦ ହଜାର ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ବିଶେଷ ଭାବେ ଆଇଟି, ପେଟ୍ରୋ କେମିକାଲ ଓ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍‌କୁ ଗୁରୁତ୍ୱ ଦିଆଯାଉଛି ।ଆସନ୍ତା ଫେବ୍ରୁଆରି ୧୭ ତାରିଖରେ ବଜେଟ୍ ପାଇଁ ଆଲୋଚନା ହୋଇଛି। ପୂର୍ବତନ ଅର୍ଥମନ୍ତ୍ରୀ ଓ ଅର୍ଥ ବିଶେଷଜ୍ଞମାନେ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଏତଦ୍ ବ୍ୟତୀତ ଜନସାଧାରଣ ମଧ୍ୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମତାମତ ଦେଇପାରିବେ। ଚଳିତ ବର୍ଷ ସରକାର ୪୦ ହଜାର ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବୈଠକରେ ଅର୍ଥନୀତି ବିଶେଷଜ୍ଞଙ୍କ ପରାମର୍ଶ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହା ପୂର୍ବରୁ ଅର୍ଥ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ମତାମତ ବି ଲୋଡାଯାଇଛି। ୨୦୨୪-୨୦୨୫ ବର୍ଷରେ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ହୋଇଥିବା ବେଳେ ଏଥର ପରିମାଣ ବଢିପାରେ ବୋଲି ଅନୁମାନ କରାଯାଉଛି। ଫେବୃଆରୀ ୧୩ ତାରିଖରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେଉଥିବା ବେଳେ ୧୭ ତାରିଖରେ ବଜେଟ ଉପସ୍ଥାପନ ହେବ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ୍ ଚରଣ ମାଝୀ ବଜେଟ ଉପସ୍ଥାପନ କରିବେ।

# ଦୟା ଜଳ ପ୍ରଦୂଷିତ ଜାଣି ସମସ୍ତେ ନିରବ



ଭୁବନେଶ୍ୱର,୨୪/୧ : ପ୍ରଦୂଷିତ ଜଳ ବ୍ୟବହାର କରି ଦୟାନଦୀ କୂଳରେ ଥିବା କଳାସ ଅଞ୍ଚଳରେ ୪ଜଣ ଲୋକଙ୍କ ମୃତ୍ୟୁ ସହ ଅନେକ ଆକ୍ରାନ୍ତ ହୋଇଥିବା ପରିପ୍ରେକ୍ଷୀରେ ଏବେ ଦୟାନଦୀ ଜଳକୁ ପ୍ରଦୂଷଣମୁକ୍ତ କରିବାପାଇଁ ଶାସକ ଓ ବିରୋଧିଦଳ ମଧ୍ୟରେ ବିବୃତ୍ତିଯୁଦ୍ଧ ଚାଲିଛି । କିନ୍ତୁ ଦୟା ସମେତ ରାଜ୍ୟର କୌଣସି ଗୋଟିଏ ହେଲେ ନଦୀର ଜଳ ଏମିତିକି ଚିଲିକା ଓ ଅଂଶୁପା ଭଳି ହ୍ରଦର ଜଳ ପ୍ରଦୂଷଣମୁକ୍ତ ନୁହେଁ ବୋଲି ବର୍ଷ ବର୍ଷ ଧରି ଜାଣିବା ସତ୍ତ୍ୱେ କାହିଁକି ଉଭୟ ସରକାର ଓ ବିରୋଧିଦଳ ଏ ପ୍ରସଙ୍ଗରେ ନିରବ ରହି ଆସିଛନ୍ତି ସେଥିଘେନି ପରିବେଶପ୍ରେମୀମାନେ ପ୍ରଶ୍ନ ଉଠାଉଛନ୍ତି । ରାଜଧାନୀ ଭୁବନେଶ୍ୱରର ନାଳ ନର୍ଦ୍ଦମା ସମେତ ଅନ୍ୟ ବର୍ଜ୍ୟବସ୍ତୁ ଯେଭଳି ଗଙ୍ଗୁଆ ନାଳ ଦେଇ ଦୟାରେ ମିଶି ଏହାର ଶାଖାନଦୀଗୁଡିକ ସମେତ ଚିଲିକାକୁ ପ୍ରଦୂଷିତ କରୁଛି ତାହା ସମସ୍ତଙ୍କୁ ଜଣା । ବାରମ୍ବାର ରାଜ୍ୟ ବିଧାନସଭାରେ ସରକାର ସ୍ୱୀକାର କରି ଆସୁଛନ୍ତି ଯେ ରାଜ୍ୟର ଗୋଟିଏ ହେଲେ ନଦୀର ଜଳ ପାନୀୟ ଉପଯୋଗୀ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ । ଏମିତିକି ବର୍ତ୍ତମାନ ଚର୍ଚ୍ଚାର ବଳୟରେ ଥିବା ଦୟାନଦୀର ଜଳ ବ୍ୟବହାର ଉପଯୋଗୀ ନୁହେଁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତୀତରେ ସ୍ୱୀକାର କରିଛନ୍ତି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, କୁଶଭଦ୍ରା, ଋଷିକୂଲ୍ୟା, କୋଲାବ, ବୁଢାବଳଙ୍ଗ, କାଠଯୋଡି, ଦେବୀ, ବିରୂପା, ଗେଙ୍ଗୁଟି, ଭାର୍ଗବୀ, କୁଆଖାଇ, ସୋନ ସମେତ ରାଜ୍ୟର ସମସ୍ତ ନଦୀର ଜଳ ପ୍ରଦୂଷିତ ହେବାର ପ୍ରମୁଖ କାରଣ ହେଉଛି ଶିଳ୍ପାୟନ, ସହରୀକରଣ ଓ ଖଣିଜ ଉତ୍ତୋଳନ । ଏଥି ସହ କୀଟନାଶକ ଓ ରସାୟନିକ ସାରର ମଧ୍ୟ ବିଷାକ୍ତ ପ୍ରଭାବ ନଦୀ ଓ ହ୍ରଦର ଜଳଗୁଡିକରେ ବାରିହୋଇ ଯାଉଛି । ପରିବେଶବିତ୍‌ମାନେ କହୁଛନ୍ତି ଯେ ପ୍ରାକୃତି ଓ ମନୁଷ୍ୟକୃତ କାରଣରୁ ରାଜ୍ୟରେ ପ୍ରବାହିତ ନଦୀଗୁଡିକର ଜଳଧାରଣ କ୍ଷମତା କମିବା ସହ ଏହାର ସିଧାସଳଖ ପ୍ରଭାବ ଭୂତଳ ଜଳସ୍ତର ଏବଂ ଜଳସେଚନ ବ୍ୟବସ୍ଥା ଉପରେ ପଡୁଛି । ପ୍ରଦୂଷିତ ଜଳକୁ ଫସଲ ଉତ୍ପାଦନ ପାଇଁ ବ୍ୟବହାର କରିବା ଏବଂ ମଣିଷ ସମତେ ଅନ୍ୟ ଗୃହପାଳିତ ପଶୁ ଓ ଜୀବଜନ୍ତୁ ଏହା ସଂସ୍ପର୍ଶରେ ଆସି ବିପୁଳ କ୍ଷତିର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଉଦାରୀକରଣ, ଜଗତିକରଣ, ଶିଳ୍ପାୟନ, ଆଖିବୁଜା ଖଣି ଖନନ ସହିତ ଜଙ୍ଗଲ ସଫେଇ ଆଦି କାରଣ ଯୋଗୁଁ ଜଳ ସମ୍ପଦ ଏବେ ବିପଦ ଭିତରେ ରହିଥିବା ସେମାନେ ଦର୍ଶାଉଛନ୍ତି । କଣାସ ଅଞ୍ଚଳରେ ଦୟାନଦୀର ପ୍ରଦୂଷିତ ଜଳ ଯୋଗୁଁ ଉପୁଜୁଥିବା ସାଂଘାତିକ ସମସ୍ୟା ସାରା ଓଡିଶା ପାଇଁ ଚେତାବନୀ । ନିକଟ ଅତୀତରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଦୂଷିତ ଜଳ ଯୋଗୁଁ ଜଣ୍ଡିସ୍ ବ୍ୟାପିଥିବା ଘଟଣା ପରିବେଶବିତ୍‌ମାନଙ୍କ ମନରୁ ଲିଭିନଥିବାବେଳେ ନିଆଁରେ ଘିଅ ଢାଳିବା ଭଳି ଗଙ୍ଗୁଆ ଓ ଦୟା ପ୍ରଦୂଷଣ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ଚିଲିକା ହ୍ରଦରେ ମିଶିଥିବା ୧୩ଟି ଯାକ ନଦୀନାଳର ଜଳ ପ୍ରଦୂଷିତ ହୋଇଥିବାରୁ ଏହାର ପ୍ରଭାବ ଏସିଆର ସର୍ବ ବୃହତ୍ତମ ଲବଣାକ୍ତ ହ୍ରଦ ଉପରେ ପଡିବା ସହ ଏହାର ମୁହାଣ ବାଟ ଦେଇ ପ୍ରଦୂଷିତ ଜଳ ସମୁଦ୍ରକୁ ଯାଉଥିବାରୁ ତାହା ମଧ୍ୟ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି । ଏସବୁ ସମସ୍ୟାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଲେଷଣ କରି ଗଙ୍ଗୁଆ,ଦୟା ସମେତ ରାଜ୍ୟର ସମସ୍ତ ନଦୀର ଜଳ କିଭଳି ପ୍ରଦୂଷଣମୁକ୍ତ ହୋଇପାରିବ ଏବଂ ନଦୀଗୁଡିକ ଚିରସ୍ରୋତା ରହି ଚାଷ ଓ ଜନଜୀବନ ଉପରେ ସକରାତ୍ମକ ପ୍ରଭାବ ପକାଇବ ସେ କ୍ଷେତ୍ରରେ ସରକାର ଆଗେ ସଚେତନ ହୁଅନ୍ତୁ ଏବଂ ଏଥିଲାଗି ଜନ ସହଯୋଗ ଲୋଡନ୍ତୁ ବୋଲି ପରିବେଶପ୍ରେମୀମାନେ ଉଲ୍ଲେଖ କରୁଛନ୍ତି ।

# ଶକ୍ତି କ୍ଲବର ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ



ଫିରିଙ୍ଗିଆ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ଶୁଣ୍ଡିଗାଁ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ଶୁଣ୍ଡିଗାଁ ଠାରେ ଶକ୍ତି କ୍ଲବ ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଗୁନି କହଁର ଯୋଗଦେଇ ଧୂପ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉଜଉ ଅନିସିମ ନାୟକ, ଲାମପଦର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମୁଦୁଲି, ଯୋଗଦେଇ ଦେଇଥିଲେ ସ୍କୁଲ ସଭାପତି ବିଦ୍ୟାଧର କହଁର,ମୋ ସ୍କୁଲ ଅଭିଯାନ ସଭାପତି ବାମି କହଁର, ଯୋଗଦେଇ ଥିଲେ । ଉପସ୍ଥିତ ଥିବା ଅତିଥି କାର୍ଯ୍ୟକ୍ରମ ରେ ଶକ୍ତି ସଂରକ୍ଷଣ ସପ୍ତାହ ବିଷୟରେ ବୁଝାଇବା ସହ ଅକ୍ଷୟ ଶକ୍ତି, ସୈର ଶକ୍ତି, ପବନ ଶକ୍ତି ଜଳଶକ୍ତି ଇତ୍ୟାଦି ର ବ୍ୟବହାର ଅଧିକ ଆମେ ପରିବେଶ ସୁରକ୍ଷା କରିପାରିବା ଶକ୍ତି ହିଁ ଜୀବନ ଉପରେ ମନ୍ତବ୍ୟ ଦେଇଥିଲେ । ଲାମପଦର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମୁଦୁଲି ଛାତ୍ର ଛାତ୍ରୀ ଙ୍କୁ ଫିୟୁଜ୍ ହୋଇଥିବା ଏଲ୍ ଡି ବଲ୍ କିପରି କମ୍ ଖର୍ଚ୍ଚ ରେ ମରାମତି କରିପାରିବା ତାହା ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷା ଦେଇଥିଲେ । ଘରେ ଘରେ ଏଲ୍ ଇଡି ବଲ୍ ବ୍ୟବହାର କରିବା ଶକ୍ତି ସଂକଟ କୁ ରୋକି ପାରିବା ସେହି ବିଷୟରେ ଛାତ୍ର ଛାତ୍ରୀ ସଚେତନତା ବାର୍ତ୍ତା ଦେଇଥିଲେ । ଉପସ୍ଥିତ ଅତିଥି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ କ୍ରିଡ଼ା, ଶିକ୍ଷା,ସମୟାନ ବର୍ତ୍ତିତା ସହ ନିଜକୁ ଜଣେ ଭଲ ମଣିଷଟିଏ ଗଢ଼ି ତୋଳିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟ ର ବିଭିନ୍ନ କାର୍ଯ୍ୟକ୍ରମ ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଟକ ମାଧ୍ୟମରେ ଘରେ ଘରେ ଏଲ୍ ଇଡି ବଲ୍ ବ୍ୟବହାର କରିବା ଶକ୍ତି ସଂକଟ କୁ ରୋକି ପାରିବା ନାଟକ ମାଧ୍ୟମରେ ସଚେତନତା ଦେଇଥିଲେ । ବିଦ୍ୟାଳୟ ଶିକ୍ଷକ ପଦ୍ମଲୋଚନ ମିଶ୍ର,ଆରତ କର୍ଣ୍ଣ,ପିଷ୍ଟୁ ମଲିକ, ବିରେନ୍ଦ୍ର କହଁର ଶିକ୍ଷୟତ୍ରୀ ବିଜୟୀ ଲକ୍ଷ୍ମୀ ମାଝୀ, ଅମ୍ବିକା କହଁର,ସୁଜ୍ଞାନି କୁମାରୀ ପ୍ରଧାନ, ଏମ୍ ତେଜସିନି, ପଦ୍ମାବତୀ କହଁର, ମିନତୀ ପ୍ରଧାନ,ଓ ବିଦ୍ୟାଳୟ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ମହାକୁଡ଼ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମେଧାବୀ ଛାତ୍ରୀଙ୍କ ପାଇଁ ଦେଲେ ଏକ ଲକ୍ଷ



ବିଜେପୁର : ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଜାରିଂ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ସୋଇଯାଇଛି ।ଏଥିରେ ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେ ଅଧକ୍ଷତା କରିଥିଲେ ।୨୦୨୩୪-୨୪ଶିକ୍ଷା ବର୍ଷରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଆକୃତି ପାଣ୍ଡେ ,ତୋଷନ ପ୍ରଧାନଙ୍କୁ ସ୍କୁଲ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ବିନିକା ବ୍ଲକର ପ୍ରାକ୍ତନ ବିଇଓ ଘନଶ୍ୟାମ ସାହୁ ତାଙ୍କର ଜନ୍ମ ଦିନ ଅବସରରେ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।ଉକ୍ତ ଟଙ୍କାକୁ ତୃତୀୟ, ପଞ୍ଚମ, ଅଷ୍ଟମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତି ବର୍ଷ ପ୍ରଦାନ କରାଯିବାର ଲକ୍ଷ ରଖାଯାଇଛି । ଶିକ୍ଷାପ୍ରେମୀ ଘନଶ୍ୟାମ ସାହୁ ଓ ତାଙ୍କ ପତ୍ନୀ କାନ୍ତୀ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସିଆରସିସି ରାଜେଶ୍ୱର ବେହେରା ପ୍ରାକ୍ତନ ବିଇଓଙ୍କ ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଛାତ୍ର ମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ପ୍ରେମରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ମଲକେନ ଡ୍ୟାମର ନବକଳେବର ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ ସନତ କୁମାର ଗଡତୀୟା




ବରଗଡ : ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ ହେଡକ୍ୱାଟର୍ସ ଠାରୁ ମାତ୍ର ୧୫ କି. ମି. ଦୂରରେ କଟାବାହାଲ ଠାରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମଲକେନ ଡ୍ୟାମ । ଏହି ଡ୍ୟାମର ମନୋରମ ଦୃଶ୍ୟ ଦେଖିବାକୁ ଲାଗୁଛି ପର୍ଯ୍ୟଟକଙ୍କ ଭିଡ଼ । ଗୁଡ଼ିଡୁଙ୍ଗୁରି ଓ ବତଲାବାହାଲି ଦୁଇଟି ପାହାଡ଼ର ସବୁଜ ବଳୟ ଭିତରେ ନିର୍ମାଣ ହୋଇଛି ବନ୍ଧ । କାଚକେନ୍ଦୁ ପରି ଜଳ ସାଙ୍ଗକୁ ଡ୍ୟାମ ଚର୍ତୁପାର୍ଶ୍ୱର ପ୍ରାକୃତିକ ପରିବେଶ ପ୍ରକୃତି ପ୍ରେମୀଙ୍କୁ କରୁଛି ବିଭୋର,ହେଲେ ପର୍ଯ୍ୟଟନ ଏଠି ଅବହେଳିତ । ଏହାକୁ ଆଖି ଆଗରେ ରଖି ବିଜେପୁର ବିଧାୟକ ସନତ ଗଡତିଆ ଆଜି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ନେଇ ଡ୍ୟାମରେ ପହଞ୍ଚିଥିଲେ । ଏଠାରେ ଅନେକ ଗୁଡ଼ାଏ ଅସୁବିଧା ରହିଛି ଯେମିତି ପିଇବା ପାଣି ତଥା ଶୌଚ ଯିବା ପାଇଁ ସୁବିଧା ନାହିଁ, ବର୍ଷା ହେଲେ ପର୍ଯ୍ୟଟକଙ୍କ ଆଶ୍ରୟ ଲାଗି ସେମିତି କିଛି ବ୍ୟବସ୍ଥା ନାହିଁ । ଏଣୁ ଏସବୁ ବିଷୟକୁ ଧ୍ୟାନ ଦେଇ ଏଠାରେ ପର୍ଯ୍ୟଟକଙ୍କ ଆକର୍ଷଣକୁ ବହୁଗୁଣିତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ବିଧାୟକ ମହୋଦୟ । ସେଥି ପାଇଁ ଆଜି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ କୁ ନିଜ ସାଥିରେ ନେଇ ଏଠାରେ ଥିବା ଅସୁବିଧା ଯଥା ଜଳକ୍ରୀଡା,ଶିଶୁ ଉଦ୍ୟାନ, ଅତିଥିଭବନ,ପାନୀୟ ଜଳ,ସୋଲାର ମାଧ୍ୟମରେ ଆଲୋକିକରଣ , ଡ୍ୟାମ ଉପର ରାସ୍ତା ଉନ୍ନତିକରଣ, ଡ୍ୟାମ ଉପର ରାସ୍ତା କଡ଼ରେ ବୃକ୍ଷ ରୋପଣ, ସିଟିଂ ବେଞ୍ଚ, ମନ୍ଦିର ଉନ୍ନତି କରଣ, ପେଭର ବ୍ଲକ ରାସ୍ତା, ୱେଲକମ ଗେଟ,ମୁଖ୍ୟରାସ୍ତା ରୁ ଡ୍ୟାମ କୁ ସଂଯୋଗ କରୁଥିବା ରାସ୍ତା କୁ ପିଚୁ ରାସ୍ତା ଭଳି ବ୍ୟବସ୍ଥା କରିବା ପାଇଁ ଅନେକ ସମୟ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଏହାର ଉନ୍ନତି ହେଲେ ଏହି ଅଞ୍ଚଳର ଉନ୍ନତି ହେବ ଓ ଏହି ପର୍ଯ୍ୟଟନ ସ୍ଥଳୀ ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ବୃଦ୍ଧି ପାଇବା ସହ ବରଗଡ଼ ଜିଲ୍ଲାର ପର୍ଯ୍ୟଟନ ମାନ ଚିତ୍ରରେ ମଲକେନ ଡ୍ୟାମ ନିଶ୍ଚିତ ରୂପେ ନୂଆ ତଥା ବିଶେଷ ସ୍ଥାନ ଅଧିକାର କରିବବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୋହା, ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା,ତହସିଲଦାର ନେପାଲ ମୁଣ୍ଡା,ଅତିରିକ୍ତ ତହସିଲଦାର ସଂଗୀତା ବଡ଼ାଇକ,ବିଡିଓ ଲକ୍ଷ୍ମଣ ମାଝି, ରେଞ୍ଜର ସୁଦାମ ଜଗଦଲା,ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ,ସମିତି ସଭ୍ୟ ସରୋଜ ଶ୍ରିଭୂଷଣ ସାହୁ,କନିଷ୍ଠ ଯନ୍ତ୍ରୀ ଜଗତବନ୍ଧୁ ମେହେର ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଧାୟକଙ୍କ ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳ ବାସୀ ଖୁବ୍ ପ୍ରଶଂସା କରିଥିଲେ ।

# ମଧ୍ୟ ରାତ୍ରରେ ଜଳି ଗଲା ଘର ଖବର ପାଇ
## ତୁରନ୍ତ ପହଞ୍ଚି ଦେଖିଲେ ତହସିଲଦାର



ରଣପୁର : ଗତ କାଲି ୨୦/୧/୨୦୨୫ ମଧ୍ୟ ରାତ୍ରରେ ସମସ୍ତେ ସୋଇ ପଡ଼ିଥିବା ବେଳେ ଅଚାନକ କୌଣସି ସୂତ୍ରରୁ ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ କୁଳାସର ଗ୍ରାମର ପ୍ରାୟ ଛଅଟି ପରିବାରର ପ୍ରାୟ ୭/୮ ବଖରା ଘର ପୋଡ଼ି ଜଳି ପାଉଁଶ ହୋଇ ଯାଇଛି । ଖବର ପାଇ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ , ଆର ଆଇ ଗଡବାଣୀକିଲୋ ବୀରୁପାକ୍ଷ ବିଶ୍ୱାଳ ୨୧ ତାରିଖ ସକାଳେ ପହଞ୍ଚି ପୀଡ଼ିତ ପରିବାରଙ୍କୁ ଭେଟି ସରକାରୀ ସହାୟତା ଦେବାକୁ ଆଶ୍ୱାସନା ଦେଇ ଛନ୍ତି । ତୁରନ୍ତ ପଲିଥିନ ପ୍ରତ୍ୟେକ ପରିବାରଙ୍କୁ ଯୋଗାଇ ଦେବା ସହ ଅନ୍ୟାନ୍ୟ ସୁବିଧା ପାଇଁ କହିଛନ୍ତି । ଖବର ନେବାରେ ଜଣା ପଡିଛି ଯେ କୁଳାସର ଗ୍ରାମର ପଦ୍ମ ଚରଣ ନାୟକ, ବିଶୁନି ମହାପାତ୍ର, କନକ ବେଓ୍ୱା, ରଙ୍କନିଧି ସ୍ୱାଇଁ, ଜଗନ୍ନାଥ ମହାପାତ୍ର, ପ୍ରକାଶ ମହାପାତ୍ର ଆଦି ଛଅ ଟି ପରିବାରର ପିଲାଙ୍କ ବହି ପତ୍ର, ଧାନ, ନଗଦ ଟଙ୍କା, ଆସବାବ ପତ୍ର ଆଦି ସବୁ ପୋଡ଼ି ଜଳି ପାଉଁଶ ହୋଇ ଯାଇଥିବା ଜଣା ପଡିଛି । ରାତ୍ରୀ ଅଧରେ ଗାଁ ଲୋକ ମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେବି ନିଆଁକୁ ଆୟତ କରି ପାରି ନଥିଲେ, ଚାହୁଁ ଚାହୁଁ ଜଳିଗଲା ଲୋକଙ୍କ ସାମନାରେ ସାତ ଆଠ ବଖରା ଘର । ଖବର ପାଇ ରଣପୁର ଫାୟାର ଗାଡି ପହଞ୍ଚି ଥିଲେବି ରାତିରେ ସବୁ ପୋଡ଼ି ଜଳି ପାଉଁଶ ହୋଇ ଯାଇଥିଲା ।

# ସାନପଦର ରେଳ ଷ୍ଟେସନ ହେଲା କାର୍ଯ୍ୟକ୍ଷମ
## ଚିନ୍ତାରେ ବୁଢା ବୁଢ଼ୀ, କେମିତି ଯିବେ ?




ବୋଲଗଡ଼ : ବହୁ ପ୍ରତୀକ୍ଷା ପରେ,ଗତକାଲି ୨୦/୧/୨୦୨୫, ସୋମବାର ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଓ ନୟାଗଡ଼ ଜିଲ୍ଲା ରାଜ ସୁନାଖଳା ରେଳ ଷ୍ଟେସନ ମଝିରେ, ଜନ ସାଧାରଣଙ୍କ ଦାବିକୁ ଗ୍ରହଣ କରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ପ୍ରତେକ୍ଷ ଉଦ୍ୟମରେ ସାନପଦର ରେଲୱେ ପାସେଞ୍ଜର ହଲ୍ଟ ଅପରାହ୍ନରେ ସାଂସଦ ଅପରାଜିତା ଷଡଙ୍ଗୀ , ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସ୍ଥାନୀୟ ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଉପସ୍ଥିତିରେ ଉଦଘାଟନ ହୋଇ ଯାଇଛି ! ଆଜି ପ୍ରଥମ ସକାଳରେ ସ୍ଥାନୀୟ ଯାତ୍ରୀ ମାନେ ବେସ ଖୁସି ଥିଲେ, ମାତ୍ର ଷ୍ଟେସନଟିର ପ୍ଲାଟଫର୍ମଟି ତଳୁଆ ଥିବାରୁ ବୃଦ୍ଧ ବୃଦ୍ଧା ମାନେ ଟ୍ରେନରେ ଯିବା ଆସିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହୋଇଛି । ପ୍ରାୟ ଆଠଟି ପଂଚାୟତ ସାନପଦର, କୁଳାସର, ତାଳକଣୀ, ଗଡ଼ ବାଣିକିଲୋ, ଗୋପାଳ ପୁର, କଡବ, ପିଚୁକୁଳି, ଅସରଳା ଦଳ ର ୪୦ ରୁ ଉର୍ଦ୍ଧ ଗ୍ରାମର ଜନସାଧାରଣ ଉପକୃତ ହେବେ ବୋଲି ଜଣା ପଡିଛି । ଷ୍ଟେସନ ରେ ଯାତ୍ରୀ ବିଶ୍ରାମ ଗୃହ ସହ ଉଭୟ ମହିଳା ଓ ପୁରୁଷ ମାନଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ରହିଛି । ଷ୍ଟେସନଟି ସାନପଦର ବଜାର ଠାରୁ ମାତ୍ର ପାଞ୍ଚଶହ ମିଟର ଦୂରରେ ଅବସ୍ଥିତ । ଷ୍ଟେସନଟିର ପ୍ଲାଟଫର୍ମକୁ ବଗି ଉଚ୍ଚତା କରିବା ପାଇଁ ଜନ ସାଧାରଣ ଦାବୀ କରିଛନ୍ତି । ଷ୍ଟେସନରେ ଟ୍ରେନ୍ ରହିବା ଓ ଯିବା ଆସିବା ପାଇଁ ସିଗ୍ନାଲ ବ୍ୟବସ୍ଥା ନଥିବାରୁ ଲୋକୋ ପାଇଲଟ ଟ୍ରେନ୍ ଅଟକାଇବା ଉପରେ ସନ୍ଦେହ ସୃଷ୍ଟି କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଉଭୟ ପୁରୀ ଓ ଭୁବନେଶ୍ୱର ଟ୍ରେନ ଯିବା ଆସିବା ବେଳେ ରହିବ ଜଣା ପଡିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡାର ୨୬ତମ ବାର୍ଷିକ ଉତ୍ସବ



କୁଜଙ୍ଗ : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡା ରାହାମାରେ ୨୬ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ରାହାମା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଶିଶୁ ବିଦ୍ୟାମନ୍ଦିରର ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ? ଭାବରେ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସାଇଁ,ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ଓଡିଶା ସରକାର ଯୋଗଦେଇ ୨୬ତମ ବାର୍ଷିକ ଉତ୍ସବକୁ ଆନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ସୁଦ୍ଧି ରଞ୍ଜନ ମିଶ୍ର, ନିଗମ ବ୍ୟାପାର ପ୍ରମୁଖ, ପିପିଏଲ, ପାରାଦ୍ୱୀପ, ଅତିଥି ଭାବରେ ଡ. ଅଜୟ କୁମାର ମହାନ୍ତି ବିଶିଷ୍ଟ ବୈଜ୍ଞାନିକ ଓ ନିର୍ଦ୍ଦେଶକ ଡେଏଲଟି,ଯୁକ୍ତରାଷ୍ଟ୍ର ଆମେରିକା ଯୋଗଦେଇଥିଲେ ।ମୁଖ୍ୟ ବକ୍ତା ଭାବରେ ଡ. ସରୋଜ କୁମାର ହାତୀ,ସଂପାଦକ ଶିକ୍ଷା ବିକାଶ ସମିତି,ଓଡିଶା ଯୋଗଦେଇ ଏହି ବାର୍ଷିକ ଉତ୍ସବ ସମାରୋହରେ ତାଙ୍କର ମୂଲ୍ୟବୋଧ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏଥିସହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡା ରାହାମା ସଂପାଦକ ଶ୍ରୀଯୁକ୍ତ ଦିପକ କୁମାର ଦାସ ଅତିଥି ପରିଚୟ ଓ ସାଗତ ଭାଷଣ ପ୍ରଦାନ କରିଥିଲେ ।ଏହି ସମାରୋହ ଉତ୍ସବ ?ରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ସାଇଁ ଶିକ୍ଷା ଦାନର ଏକ ମହତ୍ୱ ଦାନସହ ଭବିଷ୍ୟତ ଗଠନର ଏକ ପ୍ରମୁଖ ଭୂମିକା ନିଭାଇବା ସହ ନୂତନ ଶିକ୍ଷାନିତି ଆଣିବ ଦେଶରେ ନୂଆ ପରିବର୍ତ୍ତନ ବୋଲି ମାନ୍ୟବର ମନ୍ତ୍ରୀ ବକ୍ତବ୍ୟ ଦେଇଥିଲେ,ଏଥିସହ ରାଷ୍ଟ୍ର ଗଠନରେ ପରିବାରର ଭୂମିକା ସମ୍ବନ୍ଧୀୟ ସହ ଶିକ୍ଷା କ୍ଷେତ୍ରରେ ଶିଶୁର ମାନସିକ ଦକ୍ଷତା କିପରି ବୃଦ୍ଧି କରାଯାଇପାରିବ ଅତିଥି ? ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ବାର୍ଷିକ ଉତ୍ସବରେ ଶତାଧ ?କ ଛାତ୍ର,ଛାତ୍ରୀ ସ ?ହ ଅଭିଭାବକ, ଗୁରୁଜୀ,ଗୁରୁମା ଓ ଶିଶୁ ବିଦ୍ୟାମନ୍ଦିରର ପରି ଚାଳନା ସଦସ୍ୟ ମାନେ ଉପସ୍ଥିତ ଥିଲେ ।ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର,ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଶେଷରେ ଜୟଶ୍ରୀ ନନ୍ଦିନୀ ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ବିଦ୍ୟାଳୟର ଛାତ୍ର,ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବ୍ରଜରାଜପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟନ



ରଣପୁର : ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ ବ୍ରଜରାଜ ପୁର ପଞ୍ଚାୟତର ସେବା ସମବାୟ ସମିତିରେ ଆଜି ୨୧/୧/୨୫ ମଙ୍ଗଳ ବାର ପୂର୍ବାହ୍ନ ୧୧ ଟା ବେଳେ ଧାନ ମଣ୍ଡି ଉଦଘାଟନ ହୋଇ ଯାଇଛି । ସେବା ସମବାୟ ସମିତିର ସଭାପତି ବିଜୟ କୁମାର ସାହୁ, ଆଂଚଳିକ ନିର୍ଦ୍ଦେଶକ ସେବା ସମବାୟ ସମିତି ସୁକାନ୍ତ ଚନ୍ଦ୍ର ସାମନ୍ତରାୟ, ସମିତି ସଭ୍ୟା ପ୍ରେମଲତା ସେନାପତି, ପୂର୍ବତନ ସମିତି ସଭ୍ୟ ତପନ କୁମାର ପଟ୍ଟନାୟକ, ପଂଚାୟତ ବିଜେଡି ସଭାପତି ବିପିନ କୁମାର ପ୍ରଧାନ, ସେବା ସମବାୟ ସମିତି ସମ୍ପାଦିକା ସୁଭ୍ରାଲିନ ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପ ଅର୍ପଣ କରି ମଣ୍ଡି ଉଦଘାଟନ କରିଥିଲେ, ଏହି ଅବସରରେ ସେବା ସମବାୟ ସମିତି ର ଅନେକ ସଦସ୍ୟ, ସଦସ୍ୟା, ୱାର୍ଡ ମେମ୍ବର, ଚାଷୀ ମାନେ ସହଯୋଗ କରି ଥିଲେ । ପ୍ରାୟ ୮୦ କୁଇଣ୍ଟାଲ୍ ଭଳି ଧାନ ଗଦା ହୋଇଥିଲେ ବି କୌଣସି ମିଲର୍ ପହଞ୍ଚି ନଥିବାରୁ ଧାନ ବସ୍ତା ଗୁଡ଼ିକ ପଡ଼ି ରହିଥିବା ସୂଚନା । ସମ୍ପାଦିକା ଙ୍କ ସୂଚନା ଅନୁସାରେ ପ୍ରାୟ ୨୫୯ ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜୀକୃତ କରିଥିବା ବେଳେ ୧୨୨ ଜଣ ଚାଷୀ ଟୋକନ୍ ପାଇ ସାରିଛନ୍ତି । ପ୍ରାୟ ୬୦୦୦ କୁଇଣ୍ଟାଲ୍ ରୁ ଉର୍ଦ୍ଧ ଧାନ କ୍ରୟ ନିମନ୍ତେ ବ୍ରଜରାଜ ପୁର ସେବା ସମବାୟ ସମିତି ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି ।

# ପୁରୀ ଜିଲ୍ଲା ବିଦ୍ୟାଳୟସ୍ତରୀୟ ବନାଟି ପ୍ରତିଯୋଗିତା



ପୁରୀ : ସାଧାରଣତନ୍ତ୍ର ଦିବସ ୨୦୨୫ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ତତ୍ତ୍ୱାବଧାନରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ମାର୍ଗଦର୍ଶନରେ ପୁରୀ ଜିଲ୍ଲା ବିଦ୍ୟାଳୟସ୍ତରୀୟ ବନାଟି ପ୍ରତିଯୋଗିତା ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବାଳକ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହରଚଣ୍ଡୀସାହିର ତୃପ୍ତିକାନ୍ତ ହାଁସଦା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆକାଶ ବେହେରା ଏବଂ ରୁଦ୍ର ସରକାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବାଳିକା ବିଭାଗରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏଲ୍. ବର୍ଷା ବେହେରା ପ୍ରଥମ, ରିୟା ଦେ ଦ୍ୱିତୀୟ, ମିଷ୍ଟି ମାଝି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରତିଯୋଗିତାତାରେ ବିଚାରକ ଭାବେ ବନାଟି ଆଚାର୍ଯ୍ୟ ତଥା ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ବନାଟି ଆଚାର୍ଯ୍ୟ ଜଗନ୍ନାଥ ସୁଆର, ପିଣ୍ଟୁ ଜେନା, ସାଇ ସ୍ପନ୍ଦନ ପଣ୍ଡା, ଧର୍ମେନ୍ଦ୍ର ହାଁସଦା କାର୍ଯ୍ୟ ତୁଲାଇଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଜାନୁୟାରୀ ୨୬ ତାରିଖ ଦିନ ତାଳବଣିଆ ଷ୍ଟାଡିଅମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପାରେଡ ଉତ୍ସବରେ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିବେ ।

# ସିଜୁ ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ



କୁଜଙ୍ଗ : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠୀ ପଞ୍ଚାୟତ ସିଜୁ ସେବା ସମବାୟ ସମିତିରେ ଆଜି ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ କେଶବ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତିର ସଭାନେତ୍ରୀ ଝିଲ୍ଲି ରାଣୀ ସାମଲ ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନ ମଣ୍ଡିକୁ ଉଦ୍ଘାଟନ କରିଛନ୍ତି ।ଚଳିତ ଖରିଫ ଋତୁରେ ୧ହଜାର ୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ସମିତି ତରଫରୁ ଆକଳନ କରାଯାଇଛି । କୋଠୀ, ନୁଣୁକୁଆ, ସିଜୁ, ଝିମାଣୀ, ବଗଦିଆ ଆଦି ଗ୍ରାମର ପାଖାପାଖି ୫୩ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜିକରଣ କରିଛନ୍ତି । ଉନ୍ନତ କିସମର ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୩ଶହ ଟଙ୍କା ଓ ରାଜ୍ୟ ସରକାରଙ୍କ ଇନିପୁଟ ସହାୟତା ୮ଶହ ଟଙ୍କା ମିଶାଇ ମୋଟ ୩୧ଶହ ଟଙ୍କା ଧାର୍ଯ୍ୟ କରାଯାଇଛି ।ଚଳିତ ବର୍ଷ ଅଦିନିଆ ବର୍ଷା ସତ୍ତ୍ୱେ ଧାନର ମୂଲ୍ୟ ଅଧିକ ଥିବାରୁ ଚାଷୀ ମାନେ ଉତ୍ସାହିତ ଅଛନ୍ତି ।ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ ଦିବ୍ୟ ରଞ୍ଜନ ମହାରଣା,ମଣ୍ଡି ସୁପରଭାଇଜର ନିହାର ରଞ୍ଜନ ଜେନା,ଧାନର ମାନ ନିର୍ଦ୍ଧାରଣ କାରିଣୀ ଅର୍ଣ୍ଣପୂର୍ଣ୍ଣା ମଲ୍ଲିକ,ସୁଶ୍ରୀ ରୋଜାଲିନ ବାରିକ,ସମିତିର ପୂର୍ବତନ ସମ୍ପାଦକ ବୈଷ୍ଣବ ଚରଣ ନାୟକ,ଡାଟା ଅପରେଟର ବିଜୟ ରାଉତ,ରାଜୋସ୍ୱ ନିରୀକ୍ଷକ ସଙ୍ଗୀତା ମହାପାତ୍ର,ସରପଞ୍ଚ ଲକ୍ଷ୍ମୀଧର ସାହୁ,ଗଗନ ପାଳ ପ୍ରମୁଖ ଉପସ୍ଥିତଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଗୋଲେଖ ସ୍ୱାଇଁ,ପ୍ରଶାନ୍ତ ସ୍ୱାଇଁ,ଶୁବଦ ଆଚାର୍ଯ୍ୟ,ରଞ୍ଜିତ କୁମାର ସାହୁ,ଗୋବିନ୍ଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# କାର୍ଗିଲ ସହିଦ ନିରଞ୍ଜନ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟନ



ଚାନ୍ଦବାଲି ୨୪/୧ (ନି.ପ୍ର): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖେରଙ୍ଗ ପଞ୍ଚାୟତରେ ସହିଦ୍ ନିରଞ୍ଜନ ବେହେରାଙ୍କ ଉଦ୍ଦେଶ୍ୟରେ ନିରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତେବେ ୧୯୯୯ ମସିହାରେ କାର୍ଗିଲ ଯୁଦ୍ଧରେ ଦେଶ ମାତୃକା ପାଇଁ ପ୍ରାଣ ବଳି ଦେଇଥିବା ଭଦ୍ରକ ଜିଲ୍ଲାର ଏକ ମାତ୍ର କାର୍ଗିଲ ସହିଦ ନିରଞ୍ଜନ ବେହେରାଙ୍କୁ ସବୁଦିନ ମନେରଖିବା ପାଇଁ ରେଡ୍ ଷ୍ଟାର କ୍ଲବ ଆନୁକୁଲ୍ୟରେ ଏକ ଦିବଶୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ସହିଦ ନିରଞ୍ଜନ ବେହେରାଙ୍କ ଧର୍ମପତ୍ନୀ ଶ୍ରଦ୍ଧାଞ୍ଜଳି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଭାଜପାର ଯୁବ ନେତା ପ୍ରଶାନ୍ତ ମାଝୀ ଓ ସମାଜସେବୀ ଲାଲା ଲଳିତ ନାୟକ ,ବାଇଧର ସୂତାର ଓ ନିଶିକାନ୍ତ ମାଝୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ ।

# ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟନ



କଲ୍ୟାଣସିଂହପୁର,୨୪/୧ (ନି.ପ୍ର): ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତରେ ଥିବା ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମହା ଆଡ଼ମ୍ବରରେ ୧୮ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟନ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋମିଓ ପ୍ରସାଦ ମୁଟୁକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସୁନାଖଣ୍ଡି ସରପଞ୍ଚ ସଞ୍ଜୟ କୁମାର ନିସିକା ଯୋଗଦେଇଥିଲେ ସନ୍ମମନୀୟ ଅତିଥି ଜି.ଶ୍ରୀନୁ , ସୁନାଖଣ୍ଡି ଆଞ୍ଚଳିକ ସାଧନ ସଂଯୋଜକ ରାଜେଶ କୌଶଲ୍ୟା, ଏସ ଏମ୍ ସି ସଭାପତି ବିନୋଦ ନାଗ ,ପଞ୍ଚଶଖା ଶିକ୍ଷାସେତୁର ସଭାପତି ଏ .ପ୍ରମେଶ ସଂମ୍ମାନୀୟ ଅତିଥି ଭାବେ ମଞ୍ଚାସିନ ରହିଥିଲେ । ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ଥିବା ପ୍ରତିଯୋଗୀ ମାନେ ସ୍ଥାନୀୟ ବୁଡାରଜା ମନ୍ଦିରରେ ପୂଜାର୍ଚ୍ଚନା କରି ସେହି ଠାରୁ ମଶାଲ ଆଣି ମୁଖ୍ୟ ଅତିଥି ଙ୍କ ଦ୍ୱାରା କ୍ରୀଡ଼ା ଉତ୍ସ୍ୱ ପଡ଼ିଆରେ ସ୍ଥାପନ କରିଥିଲେ । ଏହା ଦୁଇଦିନରେ ୧୭ଟି ପ୍ରତିଯୋଗିତା କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ ଜଣାପଡିଛି ।ବିଦ୍ୟାଳୟର କ୍ରୀଡା ଶିକ୍ଷକ ଉମେଶ ଚନ୍ଦ୍ର ଦାସ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଏହି ଉତ୍ସବରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।

# ବିଭିନ୍ନ ମଣ୍ଡଳରେ ସଭାପତି ଚୟନ : ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦେଲା ବିଜେପି











ବେଗୁନିଆପଡା,୨୪/୧ (ନି.ପ୍ର): କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଙ୍ଗାରଗାଁ ମଣ୍ଡଳ, ବେଗୁନିଆପଡା ମଣ୍ଡଳ, ମଠ ସରସିଂ ମଣ୍ଡଳର ସଭାପତି ଏବଂ ମଣ୍ଡଳ ପ୍ରତିନିଧି ଚୟନ ଚୂଡାନ୍ତ ହୋଇଛି । ଅଙ୍ଗାରଗାଁ ମଣ୍ଡଳ ସଭାପତି ଭାବେ ଯୁବନେତା ରାଜେନ୍ଦ୍ର ଭୂୟାଁ ନିର୍ବାଚିତ ହୋଇଥିବା ବେଳେ ଅଙ୍ଗାର ଗାଁ ମଣ୍ଡଳ ପ୍ରତିନିଧି ଭାବେ ବିଶିଷ୍ଟ ଯୁବନେତା ନାରାୟଣ ସୁମନ୍ତରାୟ ମନୋନୀତ ହେଇଛନ୍ତି । ସେହିପରି ବେଗୁନିଆପଡା ମଣ୍ଡଳ ସଭାପତି ଭାବେ ଯୁବ ସଂଗଠକ ନିରଞ୍ଜନ ପ୍ରଧାନ ଏବଂ ପ୍ରତିନିଧି ଭାବେ ସିମାଞ୍ଚଳ ମାହାନ୍ତି ମନୋନୀତ ହୋଇଛନ୍ତି । ମଠ ସରସିଂ ମଣ୍ଡଳ ସଭାପତି ଭାବେ ରତନ ବିଶୋଇ ଏବଂ ପ୍ରତିନିଧି ଭାବେ ରବୀନ୍ଦ୍ର ଜେନା ମନୋନୀତ ହୋଇଛନ୍ତି ।ଯାହାକୁ ନେଇ ବିଜେପି କର୍ମୀ ମହଲରେ ବେଶ ଉତ୍ସାହ ଦେଖାଦେଇଛି । ଆଗାମୀ ଦିନରେ ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ପ୍ରତ୍ୟେକ ସମସ୍ୟା ଉପରେ ଗୁରୁତ୍ୱ ଦେଇ ସଭିଏଁ ମିଳିମିଶି କାମ କରିବେ ବୋଲି ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ସମସ୍ତ ସଭାପତି ଏବଂ ପ୍ରତିନିଧି । ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇବା ପରେ ଏହାର ଶ୍ରେୟ ରାଜ୍ୟ ବିଜେପିକୁ ଦେଇଥିବା ବେଳେ ମାନ୍ୟବର ସାଂସଦ ଅନିତା ଶୁଭ ଦର୍ଶନୀ, ମାନ୍ୟବର କବିସୂର୍ଯ୍ୟନଗର ବିଧାୟକ ଶ୍ରୀ ପ୍ରତାପ ନାୟକଙ୍କୁ ଏହାର ଶ୍ରେୟ ଦେଇଛନ୍ତି ମନୋନୀତ ହୋଇଥିବା ସଭାପତି ଏବଂ ପ୍ରତିନିଧି ।ଏହି କାର୍ଯ୍ୟକ୍ରମରେ ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଦଳୀୟ ଉତ୍ତରୀୟ ଦେବା ସହ ମିଠା ଖୁଆଇ ସ୍ୱାଗତ ଜଣାଇଥିଲେ ଯୁବ କର୍ମୀ ଆଲୋକ ଶତପଥି,ରମେଶ ପଲେଇ,ବଚନ ଗୌଡ଼,ମୁନା ପଣ୍ଡା,ଜଗୁ ଦାସ, ଭିକାରୀ ଗୌଡ଼, ନାରାୟଣ ପଢିଆଳି, ମୁନା ପଟ୍ଟନାୟକ,ସୂଚିତ ସାହୁ,ଛାୟା, ପିଙ୍କି, ସନ୍ତୋଷ ଭୂୟାଁ ଙ୍କ ସମେତ ବହୁ କର୍ମୀ । ତେବେ ସମସ୍ତେ ମିଳିମିଶି ବିଜେପିର ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ସମସ୍ତ ନିର୍ବାଚିତ ପ୍ରତିନିଧି ।

# ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୮୦ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବାକୁ ଅନୁରୋଧ

ବୋରିଗୁମ୍ମା/ଜୟପୁର, ୨୪/୧ (ନି.ପ୍ର): ଓଡ଼ିଶା ଡିପ୍ଲୋମା ଇଂଞ୍ଜିନିୟର ସେବା ସଂଘ ପ୍ରତିଷ୍ଠାର ୮୦ ବର୍ଷ ପୂର୍ତ୍ତି ଅବସରରେ ଅଡେଶା ଅଶୀ ମହୋତ୍ସବ ତଥା ସଂଘର ୭୯ ତମ ବାର୍ଷିକ ସମ୍ମିଳନୀ ଆସନ୍ତା ଜାନୁଆରୀ ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱର ଖାରବେଳ ନଗରସ୍ଥ ସଂଘ ଭବନରେ ଅନୁଷ୍ଠିତ ହେବ। ସମ୍ମିଳନୀ ପାଇଁ ଦୁଇଦିନ ସ୍ୱତନ୍ତ୍ର ଛୁଟି ମଞ୍ଜୁରୀ ନିମିତ୍ତ ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ସଂଘ ଅନୁରୋଧ କରିଛି। ସଂଘର ଅଶୀ ମହୋତ୍ସବ ଓ ବାର୍ଷିକ ସମ୍ମିଳନୀରେ ଉଭୟ ଅବସରପ୍ରାପ୍ତ ଓ ସେବାରତ ଡିପ୍ଲୋମା ଇଂଞ୍ଜିନିୟର ମାନେ ଯୋଗ ଦେବେ । ତିନିଦିନର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ସୂରଜ ସୂର୍ଯ୍ୟବଂଶୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ସେବାରତ ଓ ଅବରସରପ୍ରାପ୍ତ ସଦସ୍ୟମାନେ ସଂଘର ଅଶୀ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି ।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର:କଳାପାହାଡ଼ ଏକାଦଶ ଏବଂ ବଲାଙ୍ଗୀର ଏକାଦଶ ବିଜୟୀ



ନର୍ଲା, ୨୪/୧ (ନି.ପ୍ର): ନର୍ଲା ବ୍ଲକ ଅଧିନସ୍ଥ ରୁପ୍ରାରୋଡ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା କଳାପାହାଡ଼ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ର ତୃତୀୟ ଦିନର ଖେଳରେ କଳାପାହାଡ଼ ଏକାଦଶ ଏବଂ ବଲାଙ୍ଗୀର ଏକାଦଶ ବିଜୟ ହାସଲ କରିଛନ୍ତି। ମଙ୍ଗଳବାର ଚାରୋଟି ଦଳ ମଧ୍ୟରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ପ୍ରଥମ ମ୍ୟାଚ କଳାପାହାଡ଼ ଏକାଦଶ ଏବଂ ରାମପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳାପାହାଡ଼ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ଏବଂ ୬ୱିକେଟ ବିନିମୟରେ ୧୬୯ ରନ ସଂଗ୍ରହ କରିଥିଲା। ଜବାବ ରେ ରାମପୁର ଏକାଦଶ ୧୨ ଓଭର ଖେଳି ୭ଟି ୱିକେଟ ହରାଇ ୧୦୨ରନ ସଂଗ୍ରହ କରିଥିଲା ଏବଂ ଏହି ନକ ଆଉଟ ପ୍ରତିଯୋଗିତା ରୁ ବାହାର ହୋଇ ଯାଇଥିଲା। ସେଇଭଳି ଭାବେ ଦ୍ୱିତୀୟ ମ୍ୟାଚ ମାଇକ୍ରୋ ଏକାଦଶ ଏବଂ ବଲାଙ୍ଗୀର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଇକ୍ରୋ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ଏବଂ ୧୨ ଓଭରରେ ୭ ୱିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବ ରେ ବଲାଙ୍ଗୀର ଦଳ ୧୧.୦୪ ବଲ ରେ ବିଜୟ ଲକ୍ଷ ହାସିଲ କରିନେଇଥିଲା। ଆସନ୍ତା କାଲି ଗତ ବର୍ଷ ର ଫାଇନାଲ ରେ ଭେଟିଥିବା ଦୁଇ ଦଳ କନ୍ଧମାଳ ଏବଂ ରାଏଗଡା ମଧ୍ୟରେ ପୁନର୍ବାର ପ୍ରତିଯୋଗିତା ହେବାକୁ ଥିବା ବେଳେ ଦର୍ଶକ ମଧ୍ୟ ଏହି ପ୍ରତିଯୋଗିତା ଦେଖିବାକୁ ବେଶ ଉତ୍ସାହିତ ଅଛନ୍ତି ବୋଲି ଅନୁଷ୍ଠାନର ସଭାପତି ରିନେସ କୁମାର ଅଗ୍ରୱାଲ, ଅନୁଷ୍ଠାନ ର ଉପ ସଭାପତି ସ୍ୱାଧୀନ ସାହୁ, କୋଷାଧକ୍ଷ ଚନ୍ଦନ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

# ଜୀବନ ଶିକ୍ଷା ଶିବିର କାର୍ଯ୍ୟକ୍ରମ

ତୁଷୁରା, ୨୪/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ପିଏନ ଉଚ୍ଚ ବିଦ୍ୟାଳୟରେ ଏକ ତିନି ଦିନିଆ ଜୀବନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଲଟିଆଇ ମାଇଣ୍ଡଟ୍ରି ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେସନ ତରଫରୁ ଅନୁଷ୍ଠିତ ଏହି ଶିବିରକୁ ତେନ୍ତୁଳିଖୁଣ୍ଟି ସରପଞ୍ଚ ଗୁରୁଦାନନ୍ଦ ମହାନନ୍ଦ ଓ ତେନ୍ତୁଳିଖୁଣ୍ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଗ୍ନି କୁମାର ନାଏକ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଏସିସ ଅଭିଯାନ ବାରୋଦ୍ରା, ଗୁଜୁରାଟ ରୁ କୁମାରୀ ରିୟା ସାହା ଯୋଗ ଦେଇ ତାଲିମ୍ ଶିବିର କୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନଙ୍କ ଉତ୍ତମ ଚରିତ୍ର ଗଠନ , ଜୀବନର ଲକ୍ଷ୍ୟ, ମୋ ଜୀବନ - ମୋ ପସନ୍ଦ , ଜୀବନ ର ସଫଳତା ର ସୋପାନ, ଭାଗ୍ୟ ଓ କଠିନ ପରିଶ୍ରମ, ଆତ୍ମ ବିଶ୍ୱାସ ର ରହସ୍ୟ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନେ କିଭଳି ନିଜ ଜୀବନ ର ଲକ୍ଷ୍ୟ ସ୍ଥିର କରି ତାହାର ହାସଲ ପାଇଁ କଠିନ ପରିଶ୍ରମ କରିବେ,ସେ ବିଷୟରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶିବିରରେ ବିଦ୍ୟାଳୟର ୪୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ ମହାଶକ୍ତି ର ବ୍ଲକ ସଂଯୋଜକ ଧର୍ମ ସାଗର ପ୍ରଧାନ,ବରିଷ୍ଠ ପରିଚାଳକ ବାଳକୃଷ୍ଣ ରଥ, ନିହାରିକା ଶତପଥୀ, ଅମର କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରସିଦ୍ଧ ସୁଲିଆ ଯାତ୍ରା ହେଲା ସମ୍ପନ୍ନ



ତୁଷୁରା, ୨୪/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଦିବାସୀ ମାନଙ୍କ ଆଦି ଦେବତା ସୁଲିଆ ବୁଢ଼ା ଙ୍କ ପ୍ରସିଦ୍ଧ ଯାତ୍ରା ଖଇରଗୁଡ଼ା,କୁମୁରିଆ ଏବଂ ଚାଣ୍ଟି ପଦର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ସୁଲିଆ ବୁଢ଼ା ଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ପାଇଁ ଏବଂ ମାନଶିକ ଧାରି ମାନେ ହଜାର ହଜାର ସଂଖ୍ୟାରେ ସୁଲିଆ ପୀଠରେ ଉପସ୍ଥିତ ରହି ଆର୍ଶୀବାଦ ନେଇଥିଲେ। ଅପରପକ୍ଷେ ବଳି ରୋକିବାକୁ କୌଣସି କଟକଣା ନଥିବାରୁ କୁକୁଡ଼ା, ଛେଳି, ମେଣ୍ଢା, ପୋଢ଼ ବଳି ପଡ଼ିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଦିନ ସକାଳେ ଦେହୁରୀଆଙ୍କ ଘରୁ ସୁଲିଆ ଙ୍କ ଖଣ୍ଡା ଧରି ଆଦିବାସୀ ମାନେ ତାଙ୍କର ପାରମ୍ପରିକ ବେଶଭୂଷାରେ ଶୋଭାଯାତ୍ରାରେ ବାହାରି ପୂଜା ସ୍ଥଳରେ ପହଞ୍ଚିଥିଲେ । ମୁଖ୍ୟ ପୂଜକ ପତ୍ର ପିନ୍ଧି ପୂଜାର୍ଚ୍ଚନା କରି ଦେବତାଙ୍କୁ ଆବାହନ କରିଥିଲେ ।ବରୁଆ ଙ୍କ ଦେହରେ ଦେବତାଙ୍କ ଆବିର୍ଭାବ ହେବା ପରେ ପ୍ରଥମେ ଏକ କୁକୁଡ଼ା ଓ ପରେ ପାଟବୁକା କୁ ବଳି ଦିଆଯାଇଥିଲା। ଏହା ପରେ ଭକ୍ତ ଦେବତାଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ପ୍ରତିବର୍ଷ ପୌଷ ମାସ ଶୁକ୍ଳ ପକ୍ଷ ପ୍ରଥମ ମଙ୍ଗଳବାର ଦିନ ସୁଲିଆ ପୂଜା କରିବାର ବିଧି ରହିଛି ।କାହିଁ କେଉଁ କାଳରୁ ଆଦିବାସୀ କନ୍ଧ ସମ୍ପ୍ରଦାୟର ଲୋକେ ଏହି ଯାତ୍ରା ପାଳନ କରି ଆସୁଛନ୍ତି । ଆଦିବାସୀ ମାନଙ୍କ ଏକତା ଏବଂ ସଂସ୍କୃତି ଓ ପରମ୍ପରା ର ପ୍ରତୀକ ଭାବରେ ସୁଲିଆ ଯାତ୍ରା ଚାରିଆଡ଼େ ପ୍ରସିଦ୍ଧ ।ପ୍ରବଳ ଜନ ସମାଗମ କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।ବରିଷ୍ଠ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ।କୌଣସି ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଜିବ ସେଥି ପ୍ରତି ଧ୍ୟାନ ଦିଆଯାଉଥିବା କହିଥିଲେ ପୁଲିସ ଅଧିକାରୀ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୨୪/୧ (ନି.ପ୍ର):ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ହନୁମାନ ବାଟିକା ରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଉପେନ୍ଦ୍ର ପ୍ରସାଦ ପାଢ଼ୀ। ମୁଖ୍ୟ ଅତିଥି ଭାବରେ ଗୋଲକ ମହାପାତ୍ର ( ବିଜେପି ରାଜ୍ୟ ଉପ ସଭାପତି ), ମୁଖ୍ୟ ବକ୍ତା ଭାବରେ ଶିକ୍ଷା ବିକାଶ ସମିତି ଅଧିନରେ ଥିବା ଅମୂଲ୍ୟ ପ୍ରସାଦ ନାୟକ ( ଶିକ୍ଷା ବିକାଶ ସମିତି ବାଲେଶ୍ୱର ବିଭାଗ ସମ୍ପାଦକ), ସମ୍ମାନୀତ ଅତିଥି ଇଂ. ଅଭୟ ସୁତାର , ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା, ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତି ପ୍ରମୁଖ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଅଧ୍ୟୟନ କଲେ ପିଲାମାନଙ୍କ ଗୁଣବତ୍ତା ବୃଦ୍ଧି ହେବା ସହିତ ମାନସିକ ଓ ଶାରିରୀକ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଥାଏ। ଏଥିସହିତ ପ୍ରଧାନମନ୍ତ୍ରୀ ଙ୍କ ମା ପାଇଁ ଗଛଟିଏ ଅଭିଯାନ ବିଷୟରେ ଆଲୋଚନା କରିବା ସହିତ ବୃକ୍ଷ ର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ଚଳିତ ବର୍ଷ ବିଭିନ୍ନ ବିଷୟରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ସମସ୍ତ ଗରୁଜୀ ଗୁରୁମା ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମାଲିଯୁବାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ



ଲାଞ୍ଜିଗଡ, ୨୪/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ମାଲିଯୁବାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିଲା ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦଯାପିତ ହୋଇଯାଇଛି । ଉକ୍ତ ଉଦଯାପନୀ ଉତ୍ସବ ମାଲିଯୁବାଙ୍ଗ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଣେଶ୍ୱର ନାଏକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉଦଯାପନୀ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ଗୋଷ୍ଠି ଶିକ୍ଷା ଅଧିକାରୀ ଆଚାରୀ ଶବର ଯୋଗଦେଇ ଥିବା ବେଳେ ସନ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଡ଼ଳ ଦେବ ମୁଣ୍ଡ, ଭରତଭୂଷଣ ସାହୁ, ସମେତ ଲକ୍ଷ୍ମୀପ୍ରିୟା ମୁଦୁଲି ମଞ୍ଚରେ ମଞ୍ଚାସିନ ରହି ଉପସ୍ଥିତ ଛାତ୍ର ଛତ୍ରୀ ମାନଙ୍କୁ କ୍ରୀଡା ସମ୍ପର୍କରେ ପୁଙ୍ଖାନୁ ପୁଙ୍ଖ ଭାବେ ବୁଜେଇ ଥିଲେ । କ୍ରୀଡା ହେଉଛି ମନୁଷ୍ୟର ମାନସିକ, ବୈଦ୍ଧିକ ଓ ଶାରୀରିକ ଅବିବୃଦ୍ଧିରେ ମାନବ ଶରୀର ପାଇଁ ବରଦାନ ସଦୃଶ୍ୟ ତେବେ ମନୁଷ୍ୟଙ୍କୁ ଶିକ୍ଷା ସମେତ ଖେଳକୁଦ ପ୍ରତି ମଧ୍ୟ ନିହାତି ଆବଶ୍ୟକତା ରହିଛି ଓ ଯତ୍ନବାନ ହେବା ଜରୁରୀ ବୋଲି ମଞ୍ଚାସିନ ଅତିଥି ମାନେ ମତପ୍ରକାଶ କରିଥିଲେ । ବିଭିନ୍ନ ବିଭାଗରେ କୃତି ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଦେଇ ସନ୍ମାନିତ କରାଯାଇଥିଲା । ଏହି ବାର୍ଷିକ କ୍ରୀଡା ଉତ୍ସବରେ ସ୍କୁଲ ଶିକ୍ଷକ ଟୁଲୁଗ ଚନ୍ଦ୍ର ମାଉଳି, ସରୋଜ କୁମାର ବାରେଟ,କାମଦା ଘିଭେଲା, ହରିହର ବାଣୁଆ ଶିକ୍ଷୟତ୍ରୀ ସୀମା ସୂରିନ ସମେତ ସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ରାଉତ ସାହାଯ୍ୟ ସହଯୋଗ କରିଥିଲେ ।

# ମା ଶୀତଳା ଅନ୍ତରାଜ୍ୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



କୋଟପାଡ଼,୨୪/୧ (ନି.ପ୍ର): କୋଟପାଡ଼ ନୂଆଗୁଡା ପଡ଼ିଆଠାରେ ମା ଶୀତଳା ଆନ୍ତରାଜ୍ୟ ନକ୍ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତରା,ସନମାନିତ ଅତିଥି ମାନଙ୍କ ମଧ୍ୟରେ କୋଟପାଡ଼ ପଦ୍ମଶ୍ରୀ ଗବର୍ଦ୍ଧନ ପନିକା, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା,ଓଡିଶା ରାଜ୍ୟ ଅଥଲେଟିକ ସମ୍ପାଦକ ରବି ନାୟକ,ଅଥଲେଟିକ ସଙ୍ଘର କୋଷାଧକ୍ଷ ସଞ୍ଜୟ ଜୈନ, ବ୍ଲକ ଉପାଦକ୍ଷ ତୋପନ ପାଣିଗ୍ରାହୀ,ଶେଷାନନ୍ଦ ଶତୃଶଲ୍ୟ,ବି ଶଙ୍କର ରାଓ, ଗୋପୀ ବିଶୋଇ,ଭୀମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କମିଟି ସଭାପତି ବି ଭେଙ୍କଟ ରାଓ,ଉପଦେଷ୍ଟା ବାଲ୍ୟ ନାୟକ,ଦିପୁ ମହାନ୍ତି,ଦେବେନ୍ଦ୍ର ବୈଦ୍ୟ, ସନ୍ତୋଷ ଜେନାଙ୍କ ସହିତ ସମସ୍ତ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ,ଆଜିର ଏହି ଫାଇନାଲ ମ୍ୟାଚରେ କୋଟପାଡ଼ ସ୍ପୋର୍ଟିଙ୍ଗ କ୍ଲବ ଓ ଗିର୍ଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ରୋମାଞ୍ଚକର ମ୍ୟାଚରେ କୋଟପାଡ଼ ଟିମ ପେନାଲିଟିରେ ୫/୪ ବ୍ୟବଧାନରେ ବିଜୟୀ ହୋଇଥିଲେ । ବିଶେଷ କରି ଏହି ଫାଇନାଲ ମ୍ୟାଚରେ ଭାରତ ମିଡ଼ିଆ ଆସସେଶୀୟନର ସଭାପତି ଅଜୟ ମିଶ୍ର,ସଦସ୍ୟ ସୁଶାନ୍ତ ଦାସ,ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଖବର ପରିବେଷଣ କରିଥିଲେ । ଏହି ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ମ୍ୟାଚ୍ ଭାସ୍ୟକାର ରୂପେ ପ୍ରଶାନ୍ତ କୁମାର ପଣ୍ଡା ପୂର୍ଣ୍ଣ ସହଯୋଗ କରିଥିଲେ ।

# ପାହାଡ ପଦର ଠାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୫ ପାଳିତ



ଲାଞ୍ଜିଗଡ, ୨୪/୧ (ନି.ପ୍ର): ଲାଞ୍ଜିଗଡ଼ ବ୍ଲକର ପାହାଡ଼ ପଦର ଗ୍ରାମ ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ପାହାଡ ପଦର ସରପଞ୍ଚ ଲକ୍ଷ୍ମଣ ମାଝୀଙ୍କ ନେତୃତ୍ୱରେ ଗ୍ରାମର ଧରଣୀ ପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଶାଳ ଯାତ୍ରା ପାହାଡ଼ ପଦର ଗ୍ରାମ ପରିକ୍ରମା କରିବା ପରେ ପଞ୍ଚାୟତ ପରିସରରେ ଆୟୋଜିତ ଉତ୍ସବ ମଞ୍ଚରେ ମଶାଲ ସ୍ଥାପନା କରାଯାଇଥିଲା। ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପାହାଡ଼ ପଦର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପୂର୍ବରୁ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରଭୃତି ଖେଳ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତର ମହିଳା ମାନଙ୍କ ମଧ୍ୟରେ ଝୋଟି, ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାହାଡ ପଦର ସରପଞ୍ଚ ଲକ୍ଷ୍ମଣ ମାଝୀଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେରେ ମୁଖ୍ୟ ଅତିଥି ଭାବେ ମାଁ ସନ୍ତୋସି ଜନ କଲ୍ୟାଣ ଫାଉଣ୍ଡେସନ ସଂଯୋଜକ ଚିତ୍ତରଞ୍ଜନ ନନ୍ଦ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବରେ ନାଏବ ସରପଞ୍ଚ ବିନ୍ଦୁ ଲତା ବିଭାର ଓ ମୁଖ୍ୟ ବକ୍ତା ଭାବେ ପାହାଡପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଳିଦାସ ବାଗ ସମେତ ସମିତି ସଭ୍ୟ ଜଗଦୀଶ ବେନିଆଁ, ଯନ୍ତ୍ରୀ ବିଦ୍ୟା ଧର ଟୁଡୁ, ପୂର୍ବତନ ସରପଞ୍ଚ ଲୋକନାଥ ମାଝୀ, କୁଞ୍ଜ ମାଝୀ, ସମାଜସେବି ବୈଦ୍ୟନାଥ ନାଏକ, ଏଡିଇଓ ଆଦିତ୍ୟ ନାରାୟଣ ସାହୁ, ଯୋଗାଣ ସହାୟକ ଲିଙ୍ଗରାଜ ଦୁର୍ଗା, ସାମ୍ବାଦିକ ତୁଳସୀ ରାମ ପ୍ରଧାନୀ ,ସୁଶାନ୍ତ ମାଝୀ , ଦେବାନନ୍ଦ ମାଝୀ ଓ ସମସ୍ତ ୱାର୍ଡ଼ ସଭ୍ୟ/ସଭ୍ୟା ମଞ୍ଚାସୀନ ରହି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ , ଗ୍ରାମ ପଞ୍ଚାୟତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସମ୍ପାଦକୀୟ

# ପୁଣି ଖଲିସ୍ତାନୀ

ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନେ ଏବେ ପୁଣି ଥରେ ସକ୍ରିୟ ହୋଇଛନ୍ତି। ଭାରତରେ, ବିଶେଷକରି ପଞ୍ଜାବରେ ସେମାନଙ୍କ କାର୍ଯ୍ୟକଳାପ ଲୁଚାଛପାରେ ଚାଲିଥିବାବେଳେ ବିଦେଶରେ ଏହା ବେଶ୍ ସଂଗଠିତ ଉପାୟରେ ଖୋଲାଖୋଲି ଚାଲିଛି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ବ୍ରିଟେନ୍, କାନାଡ଼ା ଓ ଆମେରିକା ସମେତ ବିଭିନ୍ନ ଦେଶରେ ଏହାର ସକ୍ରିୟ ଅନୁଷ୍ଠାନ ରହିଛି। ବିଦେଶରେ ଖାଲିସ୍ତାନୀ ସମର୍ଥକମାନେ ଭାରତୀୟ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା ସହ ସେମାନଙ୍କ ଉପାସନା ପୀଠକୁ ଅପବିତ୍ର କରିବାକୁ ଚେଷ୍ଟା କରୁଛନ୍ତି। ଏହାଫଳରେ ବିଦେଶରେ ଏକ ଅସ୍ୱାଭାବିକ ପରିସ୍ଥିତି ଭାରତୀୟମାନଙ୍କ ପାଇଁ ସୃଷ୍ଟି ହୋଇଛି। ପାକିସ୍ତାନ ମଧ୍ୟ ଖାଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କୁ ନିୟମିତ ଭାବେ ଅର୍ଥ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଭାରତରେ, ନିର୍ଦ୍ଦିଷ୍ଟ ଭାବେ ପଞ୍ଜାବରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଏହା ପାକିସ୍ତାନର ଭାରତ ବିରୋଧୀ ପୁରୁଣା କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ନିକଟରେ ଜଣେ କଟ୍ଟରପନ୍ଥୀ ଶିଖ ତଥା ଆତ୍ମଘୋଷିତ ଧାର୍ମିକ ନେତା ଅମୃତ ପାଲ ସିଂହ ଓ ତାହାର ସମର୍ଥକମାନେ ନିଜର ସମର୍ଥକମାନଙ୍କୁ ପୁଲିସ୍ ହାଜତରୁ ମୁକ୍ତ କରିବାକୁ ଅମୃତସହର ନିକଟସ୍ଥ ଆଜନାଲା ଥାନା ଉପରେ ଆକ୍ରମଣ କରି ଯେଉଁ ବର୍ବରକାଣ୍ଡ ଭିଆଇଲେ ତାହା ପ୍ରଣିଧାନଯୋଗ୍ୟ। ଅମୃତ ପାଲର ସମର୍ଥକମାନେ ଅଜନାଲା ସହରରେ ପୁଲିସ୍ କର୍ମଚାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରି ସେମାନଙ୍କୁ ଗୋରୁଗାଈ ପରି ପିଟିଥିଲେ। ଆକ୍ରମଣକାରୀଙ୍କ ସଂଖ୍ୟା ଅଧିକ ଥିବାରୁ କମ୍‌ସଂଖ୍ୟକ ପୁଲିସ୍ ମାଡ଼ ଖାଇ ଚୁପ୍ ରହିଲେ ଏବଂ ହାଜତରେ ଥିବା ଅଭିଯୁକ୍ତମାନଙ୍କୁ ଅମୃତ ପାଲର ସମର୍ଥକମାନେ ଛଡ଼ାଇ ନେଇଥିଲେ। ଆହୁରି ମଧ୍ୟ ପୁଲିସ୍ କାର୍ଯ୍ୟାନୁଷ୍ଠାନରୁ ରକ୍ଷା ପାଇବା ପାଇଁ ଆକ୍ରମଣକାରୀମାନେ ପବିତ୍ର ଗୁରୁଗ୍ରନ୍ଥ ସାହେବକୁ ଢାଲ ଭାବେ ବ୍ୟବହାର କରିଥିଲେ। ଗ୍ରନ୍ଥସାହେବଧାରୀଙ୍କ ଉପରେ ଗୁଳି ଓ ଲାଠିମାଡ଼ ନୀତି ବିରୋଧ କହି ବୋଧହୁଏ ପୁଲିସ୍ ଚୁପ୍ ରହିଥିଲା। ଏତେବଡ଼ ଘଟଣା ଘଟିଥିଲା; କିନ୍ତୁ ପଞ୍ଜାବ ପୁଲିସକୁ ଆଗୁଆ ଗୁଇନ୍ଦା ସୂଚନା ମିଳିଲା ନାହିଁ। ଏହା କେତେ ସତ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ଚାପରେ ପୁଲିସ୍ ସବୁ ଜାଣି ଚୁପ୍ ରହିବାକୁ ବାଧ୍ୟ ହୋଇଥିଲା ବୋଲି କୁହାଯାଉଛି। ଏବେ ଅଭିଯୋଗ ହେଉଛି ଯେ ଏକଦା କଂଗ୍ରେସ ପଞ୍ଜାବରେ ଜାରନେଲ୍ ସିଂହ ଭିଣ୍ଡ୍ରାୱାଲାକୁ ଯେପରି ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲା, ବର୍ତ୍ତମାନ ପଞ୍ଜାବର 'ଆପ୍' ସରକାର ଅମୃତ ପାଲ୍ ସିଂହକୁ ସେହିଭଳି ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରୁଛି ବୋଲି ମନେ ହେଉଛି। ଅମୃତ ପାଲ୍‌କୁ ଆଜିର 'ଭିଣ୍ଡ୍ରାୱାଲା' ବୋଲି କୁହାଯାଉଛି। ଅମୃତ ପାଲ ସିଂହ ଏକଦା ଦୁବାଇରେ ବ୍ୟବସାୟ କରୁଥିଲା। ଏହାପରେ ସେ ସ୍ୱତନ୍ତ୍ର ଖାଲିସ୍ତାନ ରାଷ୍ଟ୍ର ସଂଗଠନର ଜଣେ ପ୍ରମୁଖ ସମର୍ଥକ ପାଲଟିବା ସହିତ ଖାଲିସ୍ତାନୀ ନେତା ଦୀପ ସିଧୁର ସହଯୋଗୀ ଭାବେ କାର୍ଯ୍ୟ କରିଥିଲା। ଏହାପରେ ସେ ନିଜର ଏକ ଧାର୍ମିକ ରାଜନୈତିକ ସଂଗଠନ କରି ପଞ୍ଜାବରେ ଖୋଲାଖୋଲି ଭାବେ ଖାଲିସ୍ତାନୀ ଆନ୍ଦୋଳନ ସପକ୍ଷବାଦୀ କାର୍ଯ୍ୟକଳାପ ଚଳାଇଛି। ତା'ର ସଂଗଠନକୁ ପ୍ରଚୁର ଅର୍ଥ ଏବଂ ରାଜନୈତିକ ସମର୍ଥନ ବିଭିନ୍ନ ସୂତ୍ରରୁ ମିଳୁଛି। ଶାସକ 'ଆପ' ସମେତ ଅକାଳୀ ବିଜେପି, କଂଗ୍ରେସ ଓ ଅନ୍ୟାନ୍ୟ ଦଳ ବିଭିନ୍ନ କାରଣରୁ ଅମୃତ ପାଲ ସିଂହର କାର୍ଯ୍ୟକଳାପ ବିରୋଧରେ ସ୍ୱର ଉଠାଉ ନାହାନ୍ତି। ସୋସିଆଲ୍ ମିଡିଆରେ ସେ ପଞ୍ଜାବରେ ଶିଖ ସମ୍ପ୍ରଦାୟ ମଧ୍ୟରେ କିଛିଟା ଲୋକପ୍ରିୟତା ହାସଲ କରିଛି। ପଞ୍ଜାବର ଜନସାଧାରଣଙ୍କ ମଧ୍ୟରେ ଏବେ ଖାଲିସ୍ତାନ ସମ୍ପର୍କରେ ଖୋଲାଖୋଲି ସମର୍ଥନ ନାହିଁ। ବିଗତ ଦିନର ଘଟଣାବଳୀ ଦୃଷ୍ଟିରୁ ଏହା ବିଶେଷ ସମର୍ଥନ ପାଉନଥିଲେ ମଧ୍ୟ ପ୍ରସଙ୍ଗଟି ସୁପ୍ତ ଅବସ୍ଥାରେ ଅଛି ଏବଂ ସାମାନ୍ୟ ଉସୁକାଣ ଏହାକୁ ତେଜିପାରେ। ବିଦେଶରେ କ୍ରମଶଃ ସକ୍ରିୟ ହେଉଥିବା ଖାଲିସ୍ତାନୀ ଆନ୍ଦୋଳନକାରୀମାନେ ପଞ୍ଜାବରେ ଜଣେ ଯୋଗ୍ୟ ନେତା ଚାହୁଁଛନ୍ତି, ଯିଏ ଧର୍ମକୁ ଭିତିକରି ଖାଲିସ୍ତାନୀ ବିଚ୍ଛିନ୍ନତାବାଦୀ ଆନ୍ଦୋଳନକୁ ତାହାର ଲକ୍ଷ୍ୟ ପଥରେ ଆଗେଇ ନେଇପାରିବ। ଏଭଳି ସ୍ଥିତିରେ ଅମୃତ ପାଲ ସିଂହ ଏକ ବିକଳ୍ପ ହୋଇ ଉଭା ହୋଇଛି। ସେ ଉଚ୍ଚଶିକ୍ଷିତ, ଧନବାନ, ପ୍ରଭାବଶାଳୀ ଏବଂ ଧାର୍ମିକ ଓ ସାମାଜିକ ଦୃଷ୍ଟିରୁ ତାହାର ସଂଗଠନ ଓ ସମର୍ଥନ ଭଲ। ତା'ର କ୍ରମବର୍ଦ୍ଧିଷ୍ଣୁ କ୍ଷମତାକୁ ଦେଖି ପୁଲିସ୍ ଓ ପ୍ରଶାସନ ତା'କୁ ଭୟ କରୁଛି ଏବଂ ରାଜନୈତିକ ଦଳ ତା'କୁ ନେଇ ରାଜନୈତିକ ଅଙ୍କ କଷୁଛନ୍ତି। ନିର୍ବାଚନ ସମୟରେ ଅନେକ ରାଜନୈତିକ ଦଳଙ୍କ ପାଇଁ ଅମୃତ ପାଲର ସମର୍ଥନ ଅଗ୍ରାଧିକାର ପାଉଛି।

# ସୂତାଛିଣ୍ଡା ଗୁଡ଼ିର ଜୀବନ

କିଛିଦିନ ତଳେ ଦିନ ଏଗାର ଟା ବେଳେ ଜୟଦେବ ଭବନ ପାଖ ରାସ୍ତାଦେଇ ଗଲା ବେଳେ କଡ଼ରେ ଥିବା ପାର୍କରେ ଯୁବକଯୁବତୀମାନଙ୍କୁ ଅତ୍ୟନ୍ତ ଅସତ ଅବସ୍ଥାରେ ଦେଖି ମନ ହୋଇଗଲା ବିଚଳିତ। ସକାଳେ ଖବରକାଗଜରେ ପଢ଼ିଥିବା ସମ୍ବାଦଟିଏ ଆଖି ଆଗରେ ନାଚି ଉଠିଲା। ଯେଉଁଥିରେ ଗତରାତିରେ ସ୍ୱଳ୍ପ ପୋଷାକରେ ଥିବା ମାତାଲ ଯୁବତୀର ଉନ୍ମତକାଣ୍ଡ ବିଷୟରେ ଲେଖାଥିଲା। ଯୁବତୀଟି କାଳେ ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲା। ତା'କୁ ପୁଲିସମାନେ ସମ୍ଭାଳିବା କଷ୍ଟକର ହୋଇପଡ଼ିଥିଲା। ଶେଷରେ ଥାନାରୁ ମହିଳା ପୁଲିସ ଡାକି ତା'କୁ ଥାନାକୁ ନେବାର ବନ୍ଦୋବସ୍ତ କରାଯାଇଥିଲା। ଭାବୁଥିଲି, ଏମାନେ ତ ସବୁ ଶିକ୍ଷିତ, ତେବେ ଏମାନଙ୍କ ଆଚରଣ ଏପରି ଅସଭ୍ୟ କିପରି ? ଶିକ୍ଷା ଆମକୁ ସୁସଂସ୍କୃତ ଓ ଶୃଙ୍ଖଳିତ କରିବା ପରିବର୍ତେ ଏପରି ବିଶୃଙ୍ଖଳିତ କରୁଛି କିପରି ? ସତେ କ'ଣ ଆମକୁ ଏଇ ଭଳି ସ୍ୱାଧୀନତାର ଆବଶ୍ୟକତା ଥିଲା ! ପିତାମାତା କେତେ ଲହୁଲୁହ ଝରାଇ ପିଲାଙ୍କୁ ପାଠ ଶାଠ ପାଇଁ ପଠାଇଛନ୍ତି। କିନ୍ତୁ ପିଲାଏ ମିଳିଥିବା ସ୍ୱାଧୀନତାକୁ ଏପରି ଭାବରେ କରୁଛନ୍ତି ଦୁରୁପଯୋଗ !

ଅଳ୍ପଦିନ ତଳେ ଜଣେ ଶିକ୍ଷକ କହୁଥିଲେ, ଅଷ୍ଟମ ଶ୍ରେଣୀରେ ପଢ଼ାଉ ଥିଲା ବେଳେ ଶେଷ ବେଞ୍ଚରେ ବସିଥିବା ଚାରିପାଂଚ ଜଣ ପିଲାଙ୍କୁ ଆକଟ କରିବାକୁ ଯାଇ ଦୁଇ ଜଣଙ୍କ ସ୍କୁଲ ବସ୍ତାନି ଭିତରୁ ସେ ମଦ ବୋତଲ କଲେ ଆବିଷ୍କାର। ପିଲାଙ୍କୁ ତାଗିଦ୍ କଲା ବେଳେ ଗୋଟିଏ ଆଗଚଲା କହିଲା, 'ସାର.. ଭୁଲି ଯାଆନ୍ତୁ ନାହିଁ ଯେ ଏହା ଦଣ୍ଡମୁକ୍ତ ଅଂଚଳ... ମୋର ଗୋଟିଏ ଫୋନରେ ଆପଣଙ୍କ ଚାକିରି ଯିବ।' ଦୀର୍ଘଶ୍ୱାସଟିଏ ଛାଡ଼ିବା ବ୍ୟତୀତ ଅନ୍ୟ କିଛି ଉପାୟ ନଥିଲା ଶିକ୍ଷକଙ୍କ ନିକଟରେ। ତେବେ ପିଲାଟିର ଅଭିଭାବକଙ୍କୁ ଏ ବିଷୟରେ ଅବଗତ କରାଇବା ଉଚିତ ହେବ ଭାବି ସେ ଯେତେବେଳେ ପିଲାଟିର ଘରକୁ ଫୋନ କଲେ, ହେଲେ ହତୋତ୍ସାହିତ। ପିଲାଟି କାଳେ ତା' ବାପାଙ୍କ ଆଲମିରାରୁ ଦାମୀ ମଦ ବୋତଲଟି ଆଣିଛି। ଆଜି କାଲେ ଘର ଭିତରେ ଛୋଟ ବାରଟିଏ କରି ନାମୀଦାମୀ ବ୍ରାଣ୍ଡର ମଦ ରଖିବା ଏକ ଆଭିଜାତ୍ୟର ପ୍ରତୀକ ହୋଇଛି ! ଆହୁରି ମଧ୍ୟ ଏବେ ଘରକୁ ଅତିଥି ଆସିଲେ, ମଦ ପିଉଥିବା ଲୋକଙ୍କୁ ମଦ ପରଷା ନଯିବା କାଳେ ଅଭଦ୍ରାମୀ ବୋଲି ମନେ କରାଯାଉଚି ! ହାଏରେ ବିଡ଼ମ୍ବନା ! କ୍ଷୀର, ଘିଅ ଓ ମହୁର ଦେଶରେ କେତେ ଚମତ୍କାର ଢଙ୍ଗରେ ପାଶ୍ଚାତ୍ୟର ଏ ଅପସଂସ୍କୃତିକୁ ଟିଭି ଓ ସିନେମା ଆମ ଜୀବନଶୈଳୀରେ ପୂରାଇ ସାରିଲେଣି ! ଦିନେ

**ଛନ୍ଦା ମିଶ୍ର**

ସ୍କୁଲ ଥିଲା ମଣିଷ ତିଆରି କାରଖାନା। ଏବେ ସେଠୁ ମାଙ୍କଡ଼ ବି ତିଆରି ହେବା ମୁସ୍କିଲ୍ ହୋଇ ପଡ଼ିଚି। ମାଙ୍କଡ଼ ତ ନିଜ ପେଟ ନିଜେ ପୋଷିବାକୁ ସକ୍ଷମ ! ହେଲେ ଏମାନେ ତ ସେତିକି ପାଇଁ ବି ଅସମର୍ଥ ! ଶିକ୍ଷକ ନିଜର ହତାଶା ବ୍ୟକ୍ତ କରି କହିଲେ, ସରକାର ଛତା, ଜୋତା, ବହି, ବସ୍ତାନି ସବୁ ଯୋଗାଇ ଦେଇଛନ୍ତି, ଖାଦ୍ୟ ମିଳୁଛି, ବାରମ୍ବାର ତାଗିଦ୍ କରା ଯାଉଚି ଯେମିତି ପିଲାଏ ଠିକ୍‌ରେ ଖାଇବେ, ଖେଳିବେ, ଇତ୍ୟାଦି ଇତ୍ୟାଦି...; କିନ୍ତୁ ଏସବୁ ଭିତରେ ବିଦ୍ୟାଦାନଟି ହେଉଛି ବାଟବଣା ! ଆଜି ସାମାନ୍ୟ କଥାରେ ସରକାର ଓ ଅଭିଭାବକ, ଶିକ୍ଷକଙ୍କ ଉପରେ କରୁଛନ୍ତି ଚଢ଼ାଉ। କିନ୍ତୁ ଶିକ୍ଷକଟିଏ କ'ଣ ଛାତ୍ରର ଶତ୍ରୁ ? ବାପାମା' କ'ଣ ଆକଟ କରିବା ପାଇଁ ପିଲା ଉପରକୁ ହାତ ଉଠାନ୍ତି ନାହିଁ ?

ଶିକ୍ଷକଙ୍କ ପ୍ରଶ୍ନର ଉତର ମୋ ପାଖରେ ନଥିଲା। ଅଗତ୍ୟା ଆଗକୁ ବଢ଼ିଲି। କିଛି ଦୂର ଯାଇଚି, ଗୋଟେ ଗଛ ତଳେ ଛୋଟ ଛୋଟ ପିଲାମାନେ ଗଛର ଉପର ଡାଳରେ ଲାଗିଥିବା ଗୁଡ଼ିଟିଏକୁ ଆଣିବାକୁ ଚେଷ୍ଟା କରୁଥା'ନ୍ତି। ଟଣାଓଟରାରେ ଗୁଡ଼ିଟି ଚିରି ଗଲା। ସେଇ ଚିରାଗୁଡ଼ିକୁ ଗଛ ଉପରେ ଛାଡ଼ି ପିଲାଏ ଚାଲିଗଲେ ଯେଝା ବାଟରେ। ଚିରାଗୁଡ଼ିଟି ଅପାଂକ୍ତେୟ ଭାବେ ଗଛ ଉପରେ ରହିଥିଲା। ଦିନ କେଇଟାରେ ସେ ନିଜର ଅସ୍ତିତ୍ୱ ହରାଇବ। ଯେଉଁ ପର୍ଯ୍ୟନ୍ତ ଗୁଡ଼ିଟି ନଟେଇର ସୂତା ସହିତ ଥିଲା ସଂଲଗ୍ନ ସେ ପର୍ଯ୍ୟନ୍ତ ସେ ଆକାଶରେ ଉଡ଼ିଥିଲା ଆନନ୍ଦ ମନରେ। ହେଲେ ଯେଉଁ ମୁହୂର୍ତ୍ତରେ ସେ ନଟେଇଠାରୁ ସ୍ୱାଧୀନ ହେବା ପାଇଁ ଚାହିଁଲା, ସେଇ ମୁହୂର୍ତରେ ହୋଇଗଲା, ଅଲୋଡ଼ା।

ସ୍ୱାଧୀନତାର ସଦ୍‌ବ୍ୟବହାର ନ କଲେ, ତାହା ସ୍ୱେଚ୍ଛାଚାରିତାରେ ପରିଣତ ହୁଏ। ଆଉ ତା' ଦ୍ୱାରା ଆମେ ହେଉ ବିପଥଗାମୀ, ଯାହାର ପରିଣାମ ହୁଏ ଭୟାବହ। ଗଛ, ଚେରଠାରୁ ସ୍ୱାଧୀନ ହେବା ପାଇଁ ଚାହିଁଲେ ମାଟିରେ ମିଶେ। ଗଛ, ଚେରକୁ ନିଜ ପାଦର ବେଡ଼ି ବୋଲି ଭାବି ବସିଲେ ତାହା ତା' ପାଇଁ ହେବ କ୍ଷତିକାରକ, ବରଂ ସେ ଚେରକୁ ମାଟି ମା' ସହ ପବିତ୍ର ବନ୍ଧନର ମହାର୍ଘ ସେତୁଟିଏ ମନେ କରିବାରେ ହିଁ ତା'ର ଉନ୍ନତି। ଠିକ୍ ସେହିପରି ସମୃଦ୍ଧିଶାଳୀ ସମାଜ ପାଇଁ ଆବଶ୍ୟକ ହେଉଥିବା କଟକଣାଗୁଡ଼ିକ ଆମକୁ କରେ ଶୃଙ୍ଖଳିତ ଓ ରଖେ ସୁରକ୍ଷିତ। ଏକଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। କାଳେ କାଳେ ପିତା, ମାତା ଓ ଶିକ୍ଷକଙ୍କ ଆକଟ ଆମ ପାଇଁ ସାବ୍ୟସ୍ତ ହୋଇଛି ମଙ୍ଗଳକାରୀ। ସମାଜର କାଇଦା ଓ କଟକଣାଗୁଡ଼ିକ ଆମରି ସୁରକ୍ଷା ପାଇଁ ଉଦ୍ଦିଷ୍ଟ (ଯଦିଓ କେତେଗୁଡ଼ିଏ କୁସଂସ୍କାର ମଧ୍ୟ ସେଥିରେ ରହି ଯାଇଚି)। ଗଛର ଚେର ମାଟିକୁ ଯେତେ ଜୋରରେ ଜାବୁଡ଼ି ଧରିବ ଗଛର ସ୍ଥାୟିତ୍ୱ ହେବ ସେତେ ଦୀର୍ଘ। ଠିକ୍ ସେମିତି ପିତା, ମାତା ଓ ଗୁରୁଙ୍କ ହାତ ଧରି ବାଟ ଚାଲିଲେ ଜୀବନର ରାସ୍ତା ହେବ ସୁଗମ। ଅନ୍ୟଥା ସୂତା ଛିଣ୍ଡା ଗୁଡ଼ି ପରି ଜୀବନ ହେବ ମୂଲ୍ୟହୀନ। ସୁଦକ୍ଷ ମାଳିଟିଏ ପରି ସେମାନେ ଆମ ଉନ୍ନତିର ସୂତ୍ରଧର। ଆମକୁ ମନେ ରଖିବାକୁ ହେବ ଯେ ସେମାନେ ଆମର ପରମ ହିତୈଷୀ। କାନିରେ ଗଣ୍ଠି ପକାଇ ରଖିବାକୁ ହେବ ଯେ ସ୍ୱାଧୀନତା ସହିତ ଅନେକ ଗୁରୁଦାୟିତ୍ୱ ମଧ୍ୟ ଗୁନ୍ଥା ହୋଇ ରହିଚି। ସେ ଦାୟିତ୍ୱର ସଠିକ ନିର୍ବାହ କରି ହିଁ ପ୍ରକୃତ ସ୍ୱାଧୀନତାର ସ୍ୱାଦ ଚାଖି ହେବ। ଏହାକୁ ଆଜିର ଫୁଲାଫାଙ୍କିଆ ଜୀବନରେ ବ୍ରତୀ, 'ମୋ ଜୀବନ... ମୋ ଇଚ୍ଛା'କୁ ଜୀବନର ମୂଳମନ୍ତ୍ର କରିଥିବା ସ୍ୱେଚ୍ଛାଚାରୀମାନେ ହେଜି ନିଜକୁ ସୁଧାରି ନେବାରେ ହିଁ ନିହିତ ସମଗ୍ର ସମାଜର ମଙ୍ଗଳ।

# ସମୁଦ୍ରର ଆଁ: ବଡ଼ ବିପତି ସାମୁଦ୍ରିକ ଜୁଆର

ଏ ସମୁଦ୍ର କିଛି ବୁଝେନି। ଘୁ ଘୁ ହୋଇ ମାଡ଼ିଆସେ ଜୁଆର। ଘରଦ୍ୱାର ଧାଇନିଏ। ଜମିରେ ମାଡ଼ିଯାଏ ଲୁଣି ପାଣି। କ୍ଷେତର ଉତ୍ପାଦକଶକ୍ତିକୁ ଗିଳିଦିଏ। ଉତ୍ପାଦନ ହାର ଅଧାକୁ ଖସିଆସେ। ଭଙ୍ଗା ଘରକୁ ପୁଣି ମଣିଷ ସଜାଡ଼େ, ଦିନ କେଇଟା ପରେ ପୁଣି ସମୁଦ୍ରର କରାଳ ରୂପ ଘର ଭାଙ୍ଗଦିଏ। ଜୀବନ ହୋଇପଡ଼େ ଦୁର୍ବିସହ। ନିରବ ଘାତକ ଭଳି ସମୁଦ୍ରର ଜୁଆର ମଣିଷ ଜୀବନରେ ନେଇ ଆସେ ଭଙ୍ଗା।

ସମୁଦ୍ର ଭିତରେ ଗାଁ। ଗାଁ ଭିତରେ ସମୁଦ୍ର। ସକାଳ କୋଶେ ଦୂରରେ ଥିବା ସମୁଦ୍ର ସଂଜ ବେଳକୁ ଗାଁ ମୁଣ୍ଡରେ। ବାଡ଼ିପଟେ ସମୁଦ୍ରର ଲହଡ଼ିମାଡ଼। ସତେମିତି ଘରଦ୍ୱାର ଧୋଇନେବ। ବର୍ଷ ତମାମ ଲଢ଼େଇ। ଗୋଟେ ପଟେ ମଣିଷ,ଆରପଟେ ସମୁଦ୍ର। ସମୁଦ୍ରର କରାଳ ସ୍ରୋତ କେବଳ ଘର ନୁହଁ, ଶହ ଶହ ଘରକୁ ଗିଳୁଛି। ବହୁ ଗାଁ ବି ପୋଛିନେଇଛି ସମୁଦ୍ର। ସମୁଦ୍ର ଜୁଆରର ଯମ ରୂପରୁ ନିସ୍ତାର ବା କାହିଁ ? ସମୁଦ୍ରର ଏ ଅକଥନୀୟ ଅତ୍ୟାଚାରରେ କିଏ ଜୀବଦଶାରେ ଗଢ଼ି ଚାଲିଛି ଘର ପରେ ଘର। ଗୋଟିଏ ଘରକୁ ଶକ୍ତ ଜୁଆର ଭାଙ୍ଗିଦେଇ ଚାଲିଏ। ମାଟିପାଗଳ ମଣିଷ ପୁଣି ମାଟିକାନ୍ଥ ଦେଇ ସରାଗରେ ନୂଆ ଘର ଗଢ଼େ। କାହାକୁ ସାତପୁରୁଷର ଭିଟାମାଟି ଛାଡ଼ିବାକୁ ପଡ଼ିଛି। ଆଉ କାହାକୁ ନିଜ ଗାଁ ମାଟିଠୁ ଦୂରେଇ ନିରାପଦ ସ୍ଥାନରେ ନୂଆ ବସା ବାନ୍ଧିବାକୁ ପଡ଼ିଛି। ବର୍ଷ ବର୍ଷ ଧରି ସମୁଦ୍ରର ଜୁଆର ଏମିତି ଆମ ଜୀବନ ଓ ଜୀବିକା ସହ ଖେଳି ଚାଲିଛି। ସାମୁଦ୍ରିକ ବାତ୍ୟା ଓ ବନ୍ୟା ଭଳି ହୋହଲ୍ଲାର ଦୁର୍ବିପାକ ମଧ୍ୟରେ ଏ ନିରବ ବିପର୍ଯ୍ୟୟ କିନ୍ତୁ କୂଳ ଲଂଘିବାକୁ ବସିଛି। ଆମ ଉପକୂଳ ସହ ମଣିଷମାନଙ୍କ ପାଇଁ ଏହା ବଡ଼ ବିପଦ ଭାବେ ଉଭା ହୋଇଛି। ବେଳ ଥାଉ ଥାଉ ଏହାର ସ୍ଥାୟୀ ମୁକାବିଲା ଲାଗି ପାଗ ଭିଡ଼ିବାକୁ ହେବ।

ଦୁର୍ବିପାକ ପାଲଟିଛି ସାଥୀ। ୧୯୯୯ ମହାବାତ୍ୟାରୁ ଆରମ୍ଭ କରି 'ୟାସ୍'।ଏ ଆମ ରାଜ୍ୟ ଅନେଗୁଡ଼ିଏ ବାତ୍ୟା ଏବଂ ବନ୍ୟାର ସମ୍ମୁଖୀନ ହୋଇଛି। ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି। ସମୁଦ୍ରର ଜୁଆର ଏାଏ କେବଳ କେନ୍ଦ୍ରାପଡ଼ାର ସାତଭାୟା ସହ ପୁରୀ ଓ ଗଞ୍ଜାମ ଜିଲ୍ଲାର କିଛି ଉପକୂଳବର୍ତୀ ଗାଁ କୁ ଡରାଉଛି। ୬ ମିଟର।ଏ ଜୁଆର ଉଠି ବହୁବାଟ ମାଡ଼ି ଆସୁଛି। ମାତ୍ର ଆଗକୁ ‍ଏ ସମୁଦ୍ରର ଆଁ ଉପକୂଳ ଓଡ଼ିଶାର ବହୁ ଧନଜୀବନ ଗିଳି ନଦେବ କିଏ କହିବ ? ସମୁଦ୍ରର ଆଁ ରୁ ବଂଚିବାକୁ ଆମର ଏଯାଏ ବିଶେଷ ଯୋଜନା ନାହିଁ। ଯଦି 'ସୁନାମୀ' ଭଳି ବିପତି ମାଡ଼ି ଆସିବ ରାଜ୍ୟ ସରକାରଙ୍କ ସହ ପରିବେଶବିଜ୍ଞାନୀଙ୍କୁ ଏ ପ୍ରଶ୍ନ ବ୍ୟଥିତ କଲାଣି। ସରକାର ଏ ପ୍ରସଙ୍ଗରେ ବେଶ ଗମ୍ଭୀର ହୋଇଛନ୍ତି। ଏହାର ମୁକାବିଲା ପାଇଁ ଦୀର୍ଘମିଆଦି ଯୋଜନା ହାତକୁ ନେବାକୁ ଅଂଟା ଭିଡୁଛନ୍ତି। ମାତ୍ର ଏ ନେଇ ପଦକ୍ଷେପ ଯେତେ ଶୀଘ୍ର ସେତେ ଭଲ। ଜୁଆର ବିପତି ମାଡ଼ି ଆସିବା ଆଗରୁ ଆମକୁ ହିମାଳୟ ଭଳି ଯୋଜନା ଜରୁରୀ।

ଓଡ଼ିଶାକୁ ପ୍ରକୃତି ଦେଇଛି ଅନେକ କିଛି। ବିସ୍ତୀର୍ଣ୍ଣ ବେଳାଭୂମି, ବହୁ ନଦୀ, ଝରଣା, ଘଂଚ ଜଙ୍ଗଲ ସହ ବହୁ ପ୍ରଜାତିର ପଶୁପକ୍ଷୀ ଆମ ରାଜ୍ୟର ବଡ଼ ସମ୍ପଦ। ଚିଲିକା, ଭିତରକନିକା, ଶିମିଳିପାଳର ବିରଳ ଜୈବ ବିବିଧତା ଆମ ରାଜ୍ୟ ପାଇଁ ହେଉଛି ପ୍ରକୃତିର ବରଦାନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ମାଟି ତଳେ ଆମର ଯେତିକି ପ୍ରାକୃତିକ ସମ୍ପଦ, ମାଟି ଉପରେ ସେତିକି ବିଭବ। ଗତ କିଛି ବର୍ଷ ହେବ ଓଡ଼ିଶାର ବଡ଼ ପୁଂଜି ୪୮୦ କିମି ସୁଦୀର୍ଘ ବେଳାଭୂମିକୁ ନେଇ ଚାଲିଛି ବିଚାର ବିମର୍ଶ। ସାମୁଦ୍ରିକ ଜୁଆର ଭୟଙ୍କର ରୂପ ଦେଖାଉଛି। ବିକଟାଳ ରୂପ ଧରି ଜନବସତିକୁ ମାଡ଼ି ଆସୁଛି। ଅତଡ଼ା ଧସେଇ ଚାଲିଛି। ସମୁଦ୍ରର ଆଁ ରେ ବେଳାଭୂମି ଗିଳିବାକୁ ଲାଗିଛି। ବେଳାଭୂମିର ସୁରକ୍ଷା ସହ ସାମୁଦ୍ରିକ ଜୁଆର ଏବେ ଆମ ରାଜ୍ୟ ପାଇଁ ପ୍ରଚଣ୍ଡ ଆହ୍ୱାନ ଛିଡ଼ା କରାଇଛି। ବାତ୍ୟା 'ୟାସ୍' ସମୟରେ ବାଲେଶ୍ୱରରେ ସମୁଦ୍ର ଜୁଆର ୫ କିମି ଯାଏ ମାଡ଼ି ଆସିଥିଲା। ଏହା ଅବିଶ୍ୱସନୀୟ, ମାତ୍ର ସତ। ସମୁଦ୍ରର ଏଭଳି ଭୟାନକ ରୂପ ଆଗକୁ ଆହୁରି ଭୟଙ୍କର ନ ହେବ କିଏ କହିବ ?

ମାଡ଼ି ଆସୁଛି ବିପଦ। ବିଶ୍ୱବ୍ୟାଙ୍କ ସହାୟତାରେ ସମନ୍ୱିତ ଉପକୂଳ ଜୋନ ପରିଚାଳନା ପ୍ରକଳ୍ପର ଅନୁଧ୍ୟାନ ରିପୋର୍ଟ କହୁଛି, ରାଜ୍ୟର ୧୦ ପ୍ରତିଶତ ସମୁଦ୍ର ଉପକୂଳ ଜୁଆର ଯୋଗୁଁ ଏବେ ବିପଦରେ। ଏ ସାମୁଦ୍ରିକ ଜୁଆର କୌଣସି ସମୟରେ କିଛି ବି ବିପତି ଆଣିପାରେ। ପୁରୀ, କେନ୍ଦ୍ରାପଡ଼ା ଓ ଗଞ୍ଜାମ ଜିଲ୍ଲାର ଉପକୂଳ ଅପେକ୍ଷାକୃତ ଅଧିକ ବିପଦରେ। ଅନୁଧ୍ୟାନ କହୁଛି, ଗତ କିଛି ବର୍ଷ ହେବ ଏ ଉପକୂଳରେ ସାମୁଦ୍ରିକ ଜୁଆର ବହୁ ଉଚ୍ଚକୁ ଉଠିଛି। ୩ ରୁ ୫ କିମି ଯାଏ ମଧ୍ୟ ସ୍ଥଳବିଶେଷରେ ମାଡ଼ି ଆସୁଛି। ଚେନ୍ନାଇସ୍ଥିତ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ରର ଏକ ଅନୁଧ୍ୟାନ ରିପୋର୍ଟର ତଥ୍ୟ ତ ଆଖିରୁ ନିଦ ହଜାଇଲା ଭଳି। ରିପୋର୍ଟ କହୁଛି, ୧୯୯୯ରୁ ୨୦୧୬ ମଧ୍ୟରେ ଓଡ଼ିଶାର ୧୫୩ କିମି (୨୮%) ସମୁଦ୍ର ଉପକୂଳ ଜୁଆର ମାଡ଼ରେ ସମୁଦ୍ରରେ ମିଶି ସାରିଲାଣି। ଗାଁ ଗଣ୍ଡା ଠାରୁ ଦୂରରେ ଥିବା ସମୁଦ୍ର ଏବେ ଡାକ ଦୂରକୁ ଆସିଲାଣି। ସମୁଦ୍ର ପତନ ଉପରକୁ ଉଠିଛି। ବୈଜ୍ଞାନିକମାନଙ୍କ ଅନୁଶୀଳନ କହୁଛି, ଭାରତରେ ସମୁଦ୍ର ବଢ଼ି ବଢ଼ି ଚାଲିଛି। ଗ୍ଲୋବାଲ ୱାର୍ମିଂ ପ୍ରଭାବରେ ସମୁଦ୍ର ପତନ ୩.୫ ଇଂଚରୁ ୩୪ ଇଂଚ ଯାଏ ବୃଦ୍ଧି ପାଇବ। ଏହାଦ୍ୱାରା ଉଚ୍ଚ ଜୁଆର ସୃଷ୍ଟି ହେବା ସହ ପବନର ଦିଗକୁ ମଧ୍ୟ ଏହା ପ୍ରଭାବିତ କରୁଛି। ସମୁଦ୍ର ରୂପ ବଦଳାଇବାରୁ ଉପକୂଳ କ୍ଷୟ ହୋଇ ଏହା ଜନବସତି ପ୍ରତି ବଡ଼ ବିପଦ ଡାକି ଆଣିଛି। ୯୯ ମହାବାତ୍ୟା ତ କେତେ ଜୀବନ ନେଇଛି ତା'ର ହିସାବ କାହା ପାଖରେ ନାହିଁ।

କେନ୍ଦ୍ରାପଡ଼ାର ସାତଭାୟାରେ ୬ ଖଣ୍ଡ ଗାଁ ଏକରକମ ସମୁଦ୍ରରେ ବିଲୀନ ହୋଇଯାଇଛି। ସମୁଦ୍ର ଜୁଆର ମାଡ଼ି ଆସି ଉପକୂଳ କ୍ଷୟ ହେବାରୁ ଗାଁ ଗୁଡ଼ିକ ସମୁଦ୍ର ଗର୍ଭକୁ ଗଲେଣି। ବିସ୍ଥାପନ ପରେ ବିସ୍ଥାପନ। କ୍ରମାଗତ ଭାବେ ଏ ସମସ୍ୟା ଲାଗି ରହିବାରୁ ସରକାର ସାତଭାୟାବାସୀଙ୍କ ପାଇଁ ପୁର୍ନବାସ କଲୋନିର ବ୍ୟବସ୍ଥା କରିଛନ୍ତି। ବାଧା ମାନୁନି ସମୁଦ୍ର। ସାତଭାୟା ନିକଟରେ ଥିବା ପେଣ୍ଠଠାରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ 'ଜିଓ ସିନ୍‌ଥେଟିକ୍ ସି ୱାଲ୍' ନିର୍ମାଣ କରାଯାଇଛି। ଏହା କିନ୍ତୁ କେବଳ ବାଆକୁ ବତା। ୧୯୯୯

**ସରୋଜ ସାହୁ**

ମହାବାତ୍ୟା ସାମୁଦ୍ରିକ ଉପକୂଳ କ୍ଷୟ କରିଥିଲା, ୨୦୧୩ ଫାଇଲିନ୍ ଓ ୨୦୧୯ର ଫୋନିରେ ଜୁଆର ମାଡ଼ି ଆସି ଉପକୂଳ ଗିଳିଥିଲା। ଏବେ ଆସିଥିବା ୟାସ୍ ବାତ୍ୟାରେ ପବନଠାରୁ ବେଶି କ୍ଷୟକ୍ଷତି କରିଛି ସମୁଦ୍ର ଜୁଆର। ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାର ସମୁଦ୍ର ତଟବର୍ତୀ ଅଂଚଳରେ ଏମିତି ଜୁଆର ମାଡ଼ିଲା, ବ୍ୟାପକ ଅଂଚଳକୁ ଜଳବନ୍ଦୀ କଲା। ଏଯାଏଁ ବାଲେଶ୍ୱରରେ ସମୁଦ୍ରରୁ ମାଡ଼ି ଆସିଥିବା ପାଣି ଖସୁନି। ବହୁ ଘର ଏଥିରେ ଭାଙ୍ଗିଛି। ବ୍ୟାପକ ଫସଲ ନଷ୍ଟ ହୋଇଛି। ରାସ୍ତା ବି ଧୋଇଯାଇଛି।

ପାଣିପାଗ ବିଭାଗ ସମ୍ଭାବ୍ୟ ବାତ୍ୟାର ସୂଚନା ଦେବା ମାତ୍ରେ ସମୁଦ୍ରକୂଳିଆ ଏ ଗାଁ ଗୁଡ଼ିକରେ ରହୁଥିବା ଲୋକମାନଙ୍କ ଛାତିରେ ଛନକା ପଶେ। ମନ ବାହୁନି ଉଠେ। ମାଟିର ଲୋଭରୁ ସମୁଦ୍ର ଉପରେ ଆସେ ଗର ଗର ରାଗ। ସମୁଦ୍ର କିଛି ବୁଝେନି। ଘୁ ଘୁ ହୋଇ ମାଡ଼ିଆସେ। ଘରଦ୍ୱାର ଧୋଇନିଏ। ଜମିରେ ଲୁଣି ପାଣି ମାଡ଼ିଯାଏ। କ୍ଷେତର ଉତ୍ପାଦକଶକ୍ତିକୁ ଗିଳିଦିଏ। ଉତ୍ପାଦନ ହାର ଅଧାକୁ ଖସିଆସେ। ଲୁଣି ପାଣି ବ୍ୟବହାରରୁ ଜଣ୍ଡିସ୍, ପେଟରୋଗ ବ୍ୟାପେ। ଜୀବନ ଦୁର୍ବିସହ ହୋଇପଡ଼େ। ନିରବ ଘାତକ ଭଳି ସମୁଦ୍ରର ଜୁଆର ମଣିଷ ଜୀବନରେ ଭଙ୍ଗା ଆଣେ।

ପ୍ରଥମ ପର୍ଯ୍ୟାୟରେ ୧୯୪୪ କୋଟି ଟଙ୍କା ବ୍ୟୟରେ ୩୮୦ କିଲୋମିଟର ସମୁଦ୍ର ତଟବର୍ତୀ ବନ୍ଧକୁ ସୁଦୃଢ଼ କରିବ। ପଥର ବନ୍ଧ ବାନ୍ଧିବା ସହ ଲୁହା ତାର ଜାଲି ବାନ୍ଧି ସେଥିରେ ଗଛ ବି ଲଗାଯିବ। ଏହି ଗଛ ପବନ ରୋକିବାକୁ ସାହାଯ୍ୟ କରିବ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଏହି ଯୋଜନାକୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟକାରୀ କରିବ। ଯେଉଁଠି ସମୁଦ୍ର ତଟ ଅଂଚଳରେ ବନ୍ଧ ଅଛି, ତା'କୁ ମଜବୁତ କରିବ। ଯେଉଁଠି ନାହିଁ, ସେଠାରେ ନିର୍ମାଣ କରାଯିବ। ସମ୍ପୂର୍ଣ୍ଣ ଯୋଜନାରେ ୪୮୦ କିମି ସମୁଦ୍ର ତଟ ସହ ୧୬୫୦ କିମି ଲୁଣା ବନ୍ଧର ଉନ୍ନତିକରଣ କରିବ। ୧୬୫୦ କିମି ଲୁଣା ବନ୍ଧ ଉନ୍ନତିକରଣ ଯୋଜନାରେ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ସମୁଦ୍ର ଜୁଆର ରୋକିବାକୁ ଲୁଣା ବନ୍ଧଗୁଡ଼ିକର ଉଚ୍ଚତା ବୃଦ୍ଧି କରିବା ସହ ମଜବୁତ କରାଯିବ।

ଓଡ଼ିଶା ପାଇଁ ଖୁସି ଖବର। ସୁନାମି ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଥିବା ଏବଂ ସବୁପ୍ରକାର ସର୍ତକତାମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ ମିଳିତ ଜାତିସଂଘ (ୟୁନେସ୍କୋ) ପକ୍ଷରୁ ଦୁଇଟି ଗାଁକୁ ମିଳିଛି ଆନ୍ତର୍ଜାତିକ ପ୍ରମାଣପତ୍ର। ଗଞ୍ଜାମର ଭେଙ୍କଟରାୟପୁର ଏବଂ ଜଗତସିଂହପୁର ଜିଲ୍ଲାର ନୋଳିଆ ସାହିକୁ ସୁନାମି ମୁକାବିଲା ପ୍ରସ୍ତୁତ ଗାଁ ଭାବେ ଘୋଷଣା କରାଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସଡମା) ଏ ଦୁଇଟି ଗ୍ରାମରେ ସୁନାମି ମୁକାବିଲା ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି। ସୁନାମିର ଭୟାବହତାକୁ ଦୃଷ୍ଟିରେ ରଖି ଆଗକୁ ସମୁଦ୍ର ଉପକୂଳର ୬ କିମି ଦୂରରେ ଥିବା ୮୦୦ ଗାଁକୁ ସୁନାମି ମୁକାବିଲା ପ୍ରସ୍ତୁତ ଗାଁ ଭାବେ ଗଢ଼ାଯିବ। ୧୨୨ ସାଇରନ୍ ଟାୱାର ସ୍ଥାନରେ ଆଉ ୨୦୦ ସାଇରନ୍ ଟାୱାର ନିର୍ମାଣ କରିବ। ସମୁଦ୍ର ଜୁଆର ମାଡ଼ିଆସିଲେ କେମିତି ତାର ସଫଳ ମୁକାବିଲା କରିହେବ ସେ ସଂପର୍କରେ ଗ୍ରାମବାସୀଙ୍କୁ ତାଲିମ ଦିଆଯିବ।

ଏ ନେଇ ଭିତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ସରକାରୀସ୍ତରରେ ନିଷ୍ପତି ହୋଇଛି। ମାତ୍ର ସରକାରଙ୍କ ଏ ପ୍ରତିଶ୍ରୁତି ପାଣିର ଗାର ନ ପାଲଟୁ। ଅତୀତରେ ସରକାର ଉପକୂଳ ଅବକ୍ଷୟ ରୋକିବାକୁ ଯାହା ଯୋଜନା ହାତକୁ ନେଇଛନ୍ତି ସେଥିରେ ଆନ୍ତରିକତା ଯେ କମ୍ ଥିଲା ତାହା ଜଳଜଳ। ପ୍ରକୃତି ଓ ପରିବେଶ ସହ ଆମେ ବେଶ୍ ଖେଳି ଚାଲିଛୁ। ଆମ ଲୋଭ ପାଇଁ ପ୍ରକୃତିକୁ ଧ୍ୱଂସ କରିବାକୁ ଆମେ ପଛାଉନୁ। ହାର ସିଧାସଳଖ ପ୍ରଭାବରୁ ବିଗିଡ଼ିଛି ଜଳବାୟୁ। ଜଳବାୟୁ ପରିବର୍ତନରୁ ସମୁଦ୍ରର ଏ କାଳଗ୍ରାସୀ ରୂପ। ଜୀବନ ଛାରଖାର। ମରି ମରି ଜିଇବାକୁ ହେଉଛି ଜୀବନ। ସରକାରୀସ୍ତରରେ ଯେତିକି ପଦକ୍ଷେପ ନିଆଯିବ, ତା'ଠୁ ଅଧିକ ସଚେତନ ଆମକୁ ହେବାକୁ ପଡ଼ିବ। ଆମର ଅଭାବକୁ ନିୟନ୍ତ୍ରଣ କରିବାକୁ ହେବ। ପ୍ରକୃତି ଉପରେ ଆମେ ଅତ୍ୟାଚାରରେ ତାଲା ମାରିବା। ଆସନ୍ତୁ ସୁରକ୍ଷିତ ଜୀବନ ପାଇଁ ପ୍ରକୃତିର ସୁରକ୍ଷା ପାଇଁ ଶପଥ ନେବା। ଏମିତି ବି ହୋଇପାରେ, ଆମର ଛୋଟିଆ ଉଦ୍ୟମ ଓ ନିଷ୍ଠାପଣ ଆମ ଆଗାମୀ ପିଢ଼ି ପାଇଁ ସବୁଠାରୁ ବଡ଼ ଆଶୀର୍ବାଦ ହେବ।



# ମାତୃଭାଷା ବ୍ୟକ୍ତି ଓ ସମାଜର ମୌଳିକ ପରିଚୟ

ଜୀବନର ସବୁଠାରୁ ସୁନ୍ଦର ମୁହୂର୍ତ୍ତ ହେଉଛି ସେହି ସମୟ, ଯେତେବେଳେ ଆପଣ ଆପଣଙ୍କ ପିଲାକୁ କଥା କହିବା ଶୁଣିବେ। ଦେଖାଯାଏ ଛୋଟ ଛୋଟ ପିଲାମାନେ ନୂଆ ନୂଆ ଭାଷା ଶିଖିବାକୁ ବହୁତ ଆଗ୍ରହୀ ହୁଅନ୍ତି ଏବଂ ଖୁବ ଶୀଘ୍ର ସେମାନେ ସେ ଭାଷା ଶିଖି ମଧ୍ୟ ଯାଆନ୍ତି। ଯେଉଁ ପିଲା ତା' ମାତୃଭାଷାରେ ଯେତେ ଦକ୍ଷ, ସେ ଯେକୌଣସି ଅନ୍ୟ ଭାଷାକୁ ଶିଖିବାରେ, ବ୍ୟବହାର କରିବାରେ ସେତେ ସହଜ। ପିଲାମାନେ ଜ୍ଞାନ, ଦକ୍ଷତା, କୌଶଳ ଆହରଣ କରିବା କ୍ଷେତ୍ରରେ ଭାଷା ଏକ ସେତୁ ଭଳି କାମ କରେ। ଏଣୁ ଅଭିଭାବକ ବା ବାପାମାଆ ଏବଂ ଶିକ୍ଷକ/ଶିକ୍ଷୟତ୍ରୀମାନେ ପିଲାଙ୍କୁ ନିଜ ମାତୃଭାଷା ପ୍ରତି ଆକର୍ଷିତ କରିବାକୁ ହେବ। ତାଙ୍କୁ ନିଜ ଭାଷାକୁ ଭଲ ପାଇବାକୁ ଶିଖେଇବାକୁ ହେବ। ଏସବୁ ସେତେବେଳେ ସମ୍ଭବ ହେବ, ଯେବେ ଆମେ ସେମାନଙ୍କ ସହ ମିଶି ଏ ଦିଗରେ କାମ କରିବା। ଛୋଟ ଛୋଟ ପଦକ୍ଷେପ, ଯେମିତିକି ପିଲାଙ୍କୁ ଓଡ଼ିଆ ବହିଟିଏ ପଢ଼ି ଶୁଣେଇବା, ତା' ସହିତ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ଓଡ଼ିଆରେ ଆଲୋଚନା କରିବା, ଗପଟିଏ ବା କିମ୍ବା କିଛି ଧାଡ଼ି ଭାବି ମନରୁ କହିବାକୁ ଉତ୍ସାହିତ କରିବା ଇତ୍ୟାଦି। ଖାଲି ଏତିକି ଯଥେଷ୍ଟ ନୁହେଁ, ଏହା ସହିତ ପିଲାଙ୍କୁ ଅନ୍ୟ ଭାଷା ଶିଖିବା ପାଇଁ ଉତ୍ସାହିତ କରିବାକୁ ପଡ଼ିବ। ବେଳେବେଳେ ପିଠି ଥାପୁଡ଼େଇ, ସାବାସୀ ଦେଇ ପ୍ରଶଂସା କଲେ, ନିଜ ମାତୃଭାଷା ପ୍ରତି ପିଲାମାନଙ୍କ ଆଗ୍ରହ ବଢ଼ିବ। ମାତୃଭାଷା ହିଁ ସର୍ବୋତ୍କୃଷ୍ଟ ଯୋଗାଯୋଗର ମାଧ୍ୟମ ହୋଇଥାଏ। ଜଣେ ନିଜ ମାତୃଭାଷାରେ ହିଁ ଅନ୍ୟମାନଙ୍କ ସହ ଠିକ ରୂପେ କଥା ହୋଇପାରିବ। ନିଜ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟକୁ ଯାଆନ୍ତୁ, ସେଠି ତାଙ୍କ ଭାଷାରେ ତାଙ୍କୁ ବୁଝେଇବାକୁ ଚେଷ୍ଟା କରନ୍ତୁ ଆପଣ କ'ଣ କହିବାକୁ ଚାହୁଁଛନ୍ତି। ତା' ପରେ ଜାଣିପାରିବେ ନିଜ ମାତୃଭାଷାର ସହଜତା ଓ ମଧୁରତା। ଚରମ ଆତ୍ମସନ୍ତୋଷ ଭରି ଯାଏ ମାତୃଭାଷାରେ କଥା ହୋଇ, ଭାବର ଆଦାନ ପ୍ରଦାନ କରି ନିଜ ଲୋକଙ୍କ ସହ କିଛି ସମୟ ବିତେଇଲେ। ମାତୃଭାଷା ବ୍ୟକ୍ତିକୁ ତା'ର ମୂଳ ସହିତ ଯୋଡ଼ି ରଖେ। ତା'ର ଐତିହ୍ୟ, ସଂସ୍କୃତି, କଳା, ପରମ୍ପରାକୁ ଭଲ ଭାବରେ ଜାଣିବାରେ ସାହାଯ୍ୟ କରେ। ଏହାଦ୍ୱାରା ସମାଜରେ ତା'ର ଗୋଟିଏ ପରିଚୟ ସୃଷ୍ଟି ହୁଏ। ଏଭଳି ପରିଚୟ, ଯାହା ପାଇଁ ସେ ଗର୍ବ କରେ। ମାତୃଭାଷାରେ ନିଜ ରାଜ୍ୟ ବିଷୟରେ ଯେତିକି ଜ୍ଞାନ ଓ ସୂଚନା ସଂଗ୍ରହ କରିହେବ, ତାହା ଅନ୍ୟ କୌଣସି ଭାଷାରେ ସମ୍ଭବ ନୁହେଁ। ଆଉ ମଧ୍ୟ ଶିଶୁଟିଏକୁ ବଡ଼ କରିବାରେ ତା'ର ଜେଜେ, ଜେଜେମା', ଅଜା, ଆଈ ଆଦି ବୟସ୍କ ବ୍ୟକ୍ତିମାନଙ୍କର ଏକ ବଡ଼ ଭୂମିକା ରହିଥାଏ। ସତ କଥା ହେଉଛି ସେମାନଙ୍କ ଭିତରୁ ଅଧିକାଂଶ, ନିଜ ମାତୃଭାଷା ବ୍ୟତୀତ ଆଉ କୌଣସି ଭାଷାରେ ସହଜ ନ ଥା'ନ୍ତି। ଏଣୁ ଏମାନଙ୍କ ସହ ପିଲାଟି ଯୋଗାଯୋଗ କରିବାର ଏକମାତ୍ର ମାଧ୍ୟମ ହେଉଛି ସେମାନଙ୍କ ମାତୃଭାଷା। ବର୍ତମାନ ପରିସ୍ଥିତିରେ ପିଲାଙ୍କୁ ମାତୃଭାଷା ପ୍ରତି ଆସକ୍ତ ଏବଂ ସ୍ନେହଶୀଳ କରେଇବା ସଂଘର୍ଷମୂଳ ହେଲାଣି। କାରଣ ତାଙ୍କ ଚାରିପଟେ ସେମାନଙ୍କ ମାତୃଭାଷାକୁ ଛାଡ଼ି ଅନ୍ୟ ସବୁ ଭାଷାକୁ ବେଶୀ ପ୍ରାଧାନ୍ୟ ଦିଆଯାଉଛି। ସେମାନେ ପସନ୍ଦ କରୁଥିବା କାର୍ଟୁନ୍ କିମ୍ବା ଚଳଚ୍ଚିତ୍ର ହିନ୍ଦୀ କିମ୍ବା ଇଂରାଜୀରେ ପ୍ରଦର୍ଶନ ହେଉଛି, ଯାହା ସେମାନଙ୍କୁ ସେହିସବୁ ଭାଷାର ଅଧିକ ବ୍ୟବହାର ପ୍ରତି ଆକୃଷ୍ଟ କରୁଛି। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲା ଇଂରାଜୀରେ ସବୁ ବିଷୟ ପଢୁଛନ୍ତି। ତେଣୁ ଇଂରାଜୀ ଶିଖିବା, କହିବା ଓ ଲେଖିବା ପାଇଁ ସେମାନେ ସହଜତା ଅନୁଭବ କରୁଛନ୍ତି। ତେଣୁ ଇଂରାଜୀ ଭାଷା ପ୍ରତି ସେମାନେ ଢଳିବା ସ୍ୱାଭାବିକ ମନେହୁଏ। ଏଭଳି କ୍ଷେତ୍ରରେ ଯଦି ଘରେ ପରିବାରର ସଦସ୍ୟ ଓ ଅଭିଭାବକମାନେ ଇଂରାଜୀ ବା ହିନ୍ଦୀରେ କଥୋପକଥନ କଲେ, ତା' ହେଲେ ମାତୃଭାଷାଟି ମରି ଯାଉନାହିଁ କି ? ଉପରୋକ୍ତ ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ନେବା ନିତାନ୍ତ ଜରୁରୀ ମନେହୁଏ। ଯେପରିକି ଅନ୍ୟ କାହାକୁ ଦୋଷ ନ ଦେଇ ନିଜେ ପିଲାଙ୍କୁ ମାତୃଭାଷା ଶିକ୍ଷା ଦେବା ଆରମ୍ଭ କରିବାକୁ ହେବ। ସେ ଅନିଚ୍ଛା ପ୍ରକାଶ କଲେ ତା'କୁ ଗପ, ଗୀତ, ଚିତ୍ରର ସାହାଯ୍ୟ ନେବାକୁ ହେବ। ଖାଇବା କିମ୍ବା ଶୋଇବା ବେଳେ ପିଲାକୁ ଓଡ଼ିଆରେ ଗପଟିଏ କହିବା ଏବଂ ତା'କୁ ନିଜ ମନରୁ ଗପଟିଏ ତିଆରି କରିବାକୁ ଉତ୍ସାହିତ କରିବାକୁ ହେବ। ପିଲାଙ୍କ ସହ ପିଲାମନ ନେଇ, ପିଲାଙ୍କ ଭଳି ବ୍ୟବହାର କରି ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ହେବ। ଧୀରେ ଧୀରେ ଏହାର ବ୍ୟବହାର, ବ୍ୟାକରଣଗତ ଦିଗ ଉପରେ ଧ୍ୟାନ ଦେଲେ ପିଲାମାନେ ସ୍ୱତଃ ଏହାକୁ ଭଲପାଇ ବସିବେ।

**ଶ୍ରୁତକୀର୍ତି ତ୍ରିପାଠୀ**

# ଲଙ୍କାପୁରୀ ଧ୍ୱଂସ



ଲଙ୍କାରେ ନିଆଁ ପ୍ରଭୁ ବଜରଙ୍ଗବାଲୀ ଲଗାଇଥିଲେ । କିନ୍ତୁ କଣ ଜାଣିଛନ୍ତି କି ଏହି ଘଟଣା ମାତା ପାର୍ବତୀଙ୍କ ଅଭିଶାପ କାରଣରୁ ହୋଇଥିଲା । ତେବେ ଜାଣନ୍ତୁ ଏପରି କଣ ହୋଇଥିଲା ଯେ ମା' ପାର୍ବତୀ ଲଙ୍କା ଜଳିବାର ଅଭିଶାପ କାହିଁକି ଏବଂ କିପରି ଦେଇଥିଲେ ।

ଉଲ୍ଲେଖ ରହିଛି ଥରେ ମାତା ପାର୍ବତୀ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କୁ କୈଳାସରେ ଭୋଜନ କରିବାକୁ ଆମନ୍ତ୍ରିତ କରିଥିଲେ । ସେହି ସମୟରେ ମା' ଲକ୍ଷ୍ମୀ ପାର୍ବତୀଙ୍କୁ ପଚାରିଥିଲେ ଆପଣ ଏପରି ଥଣ୍ଡା ପବନ ମଧ୍ୟରେ କିପରି ରହୁଛନ୍ତି । ଏପରି କଥା ମାତା ପାର୍ବତୀଙ୍କୁ ଖୁବ୍ ଆହତ କରିଥିଲା । କିଛି ଦିନ ପରେ ମାତା ଲକ୍ଷ୍ମୀ ଦେବୀ ପାର୍ବତୀଙ୍କୁ ନିଜର ବୈକୁଣ୍ଠ ଧାମକୁ ନିମନ୍ତ୍ରଣ କରିଥିଲେ । ଏହାପରେ ଦେବୀ ପାର୍ବତୀ ମାତା ଲକ୍ଷ୍ମୀଙ୍କ ନିମନ୍ତ୍ରଣରେ ଭଗବାନ ଶଙ୍କରଙ୍କ ସହ ବୈକୁଣ୍ଠରେ ପହଞ୍ଚିଥିଲେ । ସେଠାରେ ଦେବୀ ପାର୍ବତୀ ବୈକୁଣ୍ଠ ଧାମର ବୈଭବ ଏବଂ ଐଶ୍ୱର୍ଯ୍ୟ ଦେଖି ଭୋଳାନାଥଙ୍କୁ ଏହିଭଳି ଏକ ଅତ୍ୟନ୍ତ ବୈଭବଶାଳୀ ମହଲ ନିର୍ମାଣ କରିବା ପାଇଁ କହିଥିଲେ । ପ୍ରଥମେ ଭୋଳାନାଥ ମାତା ପାର୍ବତୀଙ୍କୁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଦେବୀ ପାର୍ବତୀ ନମାନିବାରୁ ଶଙ୍କର ଭଗବାନ ବିଶ୍ୱକର୍ମାଙ୍କୁ ମହଲ ନିର୍ମାଣ କରିବା ଦାୟିତ୍ୱ ଦେଇଥିଲେ । ପରେ ବିଶ୍ୱକର୍ମା ସୁନାର ମହଲ ନିର୍ମାଣ କରିଥିଲେ । ସୁନାର ମହଲ ନିର୍ମାଣ ହେବା ପରେ ମାତା ପାର୍ବତୀ ସମସ୍ତ ଦେବୀ-ଦେବତାଙ୍କୁ ନିମନ୍ତ୍ରଣ କରିଥିଲେ । ପରେ ଘରର ବାସ୍ତୁ ପ୍ରତିଷ୍ଠା ପୂଜା କରିବା ପାଇଁ ଅତ୍ୟନ୍ତ ବିଦ୍ୱାନ ରାବଣଙ୍କ ପିତା ଋଷି ବିଶ୍ରବାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମହଲର ଚାକଚକ୍ୟ ଦେଖିବା ପରେ ଋଷି ବିଶ୍ରବା ଏହି ମହଲକୁ ଦାନରେ ମାଗିଥିଲେ ।

ଏଥିରେ ଭଗବାନ ଶଙ୍କର ମଧ୍ୟ ତାଙ୍କୁ ନିରାଶ ନ କରି ମହଲକୁ ଦାନ କରିଦେଇଥିଲେ । ଏଥିରେ ମାତା ପାର୍ବତୀ ଖୁବ ଦୁଃଖିତ ହୋଇଥିଲେ ଏବଂ ସେ ଋଷି ବିଶ୍ରବାଙ୍କୁ ଦାନରେ ନେଇଥିବା ମହଲକୁ ଜଳି ଯିବାର ଅଭିଶାପ ଦେଇଥିଲେ । କିନ୍ତୁ ଏହି ଘଟଣାରେ ଭଗବାନ ବଜରଙ୍ଗବାଲୀ ସୁନାର ଲଙ୍କାପୁରୀକୁ ଜଳାଇ ଭସ୍ମ କରିଥିବାର ଉଲ୍ଲେଖ ରହିଛି ।

# କାନ୍ଥଘଣ୍ଟା



ଦକ୍ଷିଣ ଦିଗରେ ଥିବା କାନ୍ଥରେ କେବେହେଲେ ଘଣ୍ଟା ଟାଙ୍ଗିବା ଉଚିତନୁହେଁ । କାରଣ ଦକ୍ଷିଣ ଦିଗ ଯମଙ୍କ ଦିଗ ହୋଇଥାଏ । ଯମଙ୍କୁ ମୃତ୍ୟୁର ଦେବତା ଭାବେ ଗ୍ରହଣ କରାଯାଇଛି । ତେଣୁ ଅଫିସ ହେଉ କିମ୍ବା ଘର ଦକ୍ଷିଣ ଦିଗ କାନ୍ଥରେ ଘଣ୍ଟା ଟାଙ୍ଗିବା ଅଶୁଭ ବୋଲି ବିବେଚନା କରାଯାଇଥାଏ । ଗୃହର ମୁଖ୍ୟ ଦ୍ୱାର ଉପରେ ଘଣ୍ଟା କେବେହେଲେ ଲଗାଇବା ଉଚିତ ନୁହେଁ । ବନ୍ଦ ରହିଥିବା ଘଣ୍ଟା ଯଥାଶୀଘ୍ର ଠିକ୍ କରିନେବା ଉଚିତ୍ । ଯଦି ଘଣ୍ଟା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି ତା'କୁ ଘରେ ମଧ୍ୟ ରଖିବା ଅନୁଚିତ । କୌଣସି ସମ୍ପର୍କୀୟଙ୍କୁ କେବେହେଲେ ଉପହାର ଆକାରରେ ଘଣ୍ଟା ଦେବା ଉଚିତ୍ ନୁହେଁ । ଯଦି ଘଣ୍ଟା ସମୟ ଆଗକୁ କିମ୍ବା ପଛକୁ ହୋଇଯାଇଥାଏ ତା'କୁ ଠିକ୍ ସମୟରେ ମିଶାଇ ଦିଅନ୍ତୁ । ଘଣ୍ଟା ବିଳମ୍ବରେ କିମ୍ବା ଅଧିକ ଆଗୁଆ ହୋଇ ଚାଲୁନଥିବା ଆବଶ୍ୟକ । କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାରେ କେବେହେଲେ ଧୂଳି ବସିବା ଉଚିତ ନୁହେଁ ।

ମଧୁର ଶବ୍ଦ କରୁଥିବା ଘଣ୍ଟା ଟାଙ୍ଗିବା ଉଚିତ । ଗୃହର ପୂର୍ବ, ଉତ୍ତର ଏବଂ ପଶ୍ଚିମ କାନ୍ଥରେ ହିଁ ଘଣ୍ଟା ଟାଙ୍ଗିବା ଆବଶ୍ୟକ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହରେ ବାସ୍ତୁ ଦୋଷ ନିବାରଣ କରିବାକୁ ହେଲେ ଦକ୍ଷିଣ ଦିଗରେ ଥିବା ଘର କାନ୍ଥରେ ପରିବାର ମୁଖ୍ୟ କିମ୍ବା ଗୃହକର୍ତ୍ତାଙ୍କ ଫଟୋ ଲଗାଇବା ଉଚିତ୍ । କାରଣ ଏହି ଦିଗ ଗୃହକର୍ତ୍ତାଙ୍କର ହୋଇଥାଏ । ଏପରି କରିବା ଦ୍ୱାରା ଘରେ ଶୁଭ ପ୍ରଭାବ ବୃଦ୍ଧି ପାଇଥାଏ । ପରିବାରର ମୁଖ୍ୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ ।

# ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ମନେଇ

ପାଖାପାଖି ୫୦୦ ବର୍ଷ ତଳେ ପୁରୀ ଜିଲ୍ଲାର କାଣ୍ଡଗୋଦା ଗ୍ରାମରେ ପରମ ବୈଷ୍ଣବ ଭକ୍ତ ମନେଇ ସାହୁ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମଭକ୍ତ ଭାବେ ସେ ଜଣାଶୁଣା ଥିଲେ । ମାତା-ପିତାଙ୍କ ଧର୍ମପରାୟଣତାର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା । ମନେଇ ପ୍ରତିଦିନ ପାଖାପାଖି ୧୫ ମାଇଲ୍ ବାଟ ଚାଲି ଚାଲି ବଡ଼ ଦେଉଳରେ ତିନି ଠାକୁରଙ୍କୁ ଦର୍ଶନ କରୁଥିଲେ । ଅତିବଡ଼ି ଜଗନ୍ନାଥ ଦାସଙ୍କ ସହ ତାଙ୍କ ଘନିଷ୍ଠତା ରହିଥିଲା । ଉଭୟ ଅନେକ ସମୟରେ ଭକ୍ତି ଆଲୋଚନାରେ ମଗ୍ନ ରହୁଥିଲେ । ମନେଇ ସାହୁ ବଡ଼ ଦେଉଳକୁ ଯିବା ସମୟରେ ସବୁଦିନ ଅତିବଡ଼ିଙ୍କୁ ଭେଟୁଥିଲେ । କୁହାଯାଏ ଶ୍ରୀମଦ୍ ଭାଗବତ ରଚନା କରିବା ପରେ ଭ୍ରମ ସଂଶୋଧନ ପାଇଁ ଅତିବଡ଼ି ତାହାକୁ ମନେଇ ସାହୁଙ୍କୁ ଆଣି ଦେଖାଇଥିଲେ । ଶ୍ରୀଜଗନ୍ନାଥଙ୍କ ଠାରୁ ସ୍ୱପ୍ନାଦେଶ ପାଇଁ ଅତିବଡ଼ି ଏପରି କରିଥିଲେ ବୋଲି ଲୋକମୁଖରୁ ଶୁଣାଯାଏ ।



ମନେଇ ସାହୁଙ୍କ ବିବାହ ପିଲାଦିନରୁ ହୋଇଯାଇଥିଲା । ହେଲେ ସାଂସାରିକ ବନ୍ଧନ ତାଙ୍କୁ ବେଶିଦିନ ବାନ୍ଧି ପାରିନଥିଲା । ସେ ସର୍ବଦା ଭଗବତ୍ ପାଦରେ ନିଜକୁ ସମର୍ପିତ କରି ରଖିଥିଲେ । ବୃଦ୍ଧ ହୋଇଯିବା ପରେ ମନେଇ ସାହୁ ସବୁଦିନ ଆଉ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଇପାରିଲେ ନାହିଁ । ଥରେ ସେ ଗାଁ ପୋଖରୀକୁ ଗାଧୋଇ ଯାଇଥିବା ସମୟରେ ଏକ ନିମ୍ବ ଗଛରୁ ଚନ୍ଦନ ବାସ୍ନା ପାଇଲେ । ସେହି ନିମ୍ବ ଗଛର ଗଣ୍ଡି ଏତେ ଭାରୀ ଥିଲା ଯେ ତା'କୁ କେହି ଉଠାଇପାରୁନଥିଲେ । ମନେଇ ସାହୁ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କଲେ । ଏହାର କିଛି କ୍ଷଣ ପରେ ଗାଁଲୋକମାନେ ସେହି ନିମ୍ବ ଗଣ୍ଡିକୁ ଉଠାଇ କାଣ୍ଡଗୋଦା ଗ୍ରାମକୁ ନେଇ ଆସିଲେ । ସେହି ଗଣ୍ଡିରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପ୍ରତିମା ନିର୍ମାଣ କରାଯାଇ ଗାଁରେ ପ୍ରତିଷ୍ଠା କରାଗଲା । ମନେଇ ପ୍ରତିଦିନ ନିଜ ପ୍ରିୟ ଠାକୁରଙ୍କୁ ଦେଖିବାର ସୁଯୋଗ ପାଇଲେ । ଆଉ ଏକ ଚମତ୍କାର ଘଟଣାକ୍ରମେ ଥରେ ମନେଇ ପୋଖରୀରେ ଗାଧୋଉଥିବା ସମୟରେ ଏକ ପକ୍ଷୀଟିଏ ସେହି ପୋଖରୀରୁ ମାଛ ଖାଇବା ଲାଗି ଆସିଲା । ଭୋକିଲା ଥିବା ପକ୍ଷୀଟି ପୋଖରୀରେ ମାଛଟିଏ ପହଁରୁଥିବା ଦେଖି କୁଦା ମାରିଲା ଏବଂ ତା'କୁ ଗିଳିଦେବା ଲାଗି ଚେଷ୍ଟା କରିଥିଲା । ହେଲେ ଦୁର୍ଯୋଗକୁ ବଡ଼ କଣ୍ଟା ମାଛଟି ପକ୍ଷୀର ତଣ୍ଟିରେ ଲାଗିଗଲା । ଯନ୍ତ୍ରଣାରେ ଅତିଷ୍ଠ ପକ୍ଷୀଟି ଜୀବନ ବିକଳରେ ଛଟପଟ ହେବାକୁ ଲାଗିଲା । ପକ୍ଷୀର ଦୁଃଖ ସହିନପାରି ମନେଇ ଜଗନ୍ନାଥଙ୍କ ନାମ ସ୍ମରଣ କରି ପକ୍ଷୀର ତଣ୍ଟିକୁ ଆଉଁସି ଦେଲେ । ତୁରନ୍ତ ତଣ୍ଟିରୁ କଣ୍ଟା ମାଛଟି ପକ୍ଷୀର ପେଟ ଭିତରକୁ ଗଳିଗଲା । ସେହିଦିନ ଠାରୁ ଓଡ଼ିଆ ଘରେ ଗୋଟିଏ ବିଶ୍ୱାସ ରହିଯାଇଛି । କାହା ତଣ୍ଟିରେ ମାଛ କଣ୍ଟା ଲାଗିଗଲେ, ମନେଇ ସାହୁଙ୍କ ନାଁ ସ୍ମରଣ କରାଯାଇଥାଏ । ତାଙ୍କ ନାଁ ଧରିବା ମାତ୍ରେ ତଣ୍ଟିରୁ କଣ୍ଟା ବାହାରିଯାଏ ବୋଲି ବିଶ୍ୱାସ ରହିଛି ।



# କାନ ଯନ୍ତ୍ରଣାର ଘରୋଇ ଉପଚାର

କାନରେ ଯନ୍ତ୍ରଣା ହେବା ଏକ ସାଧାରଣ ସମସ୍ୟା । ଏହି ଯନ୍ତ୍ରଣା ଉଭୟ କାନରେ ହୋଇପାରେ, ହେଲେ ଅଧିକାଂଶ ସମୟରେ ଏହା ଗୋଟିଏ କାନରେ ବି ହୋଇପାରେ । କାନର ଯନ୍ତ୍ରଣା କିଛି ସମୟ ବା ବେଶି ସମୟ ଧରି ଲାଗି ରହିପାରେ । ଏହି ଯନ୍ତ୍ରଣା କେତେବେଳେ ହାଲକା, ତ ଆଉ କେତେବେଳେ ଖୁବ୍ ଅଧିକ ହୋଇଥାଏ । କାନ ଇନଫେକ୍ସନ ବ୍ୟତୀତ ଆହୁରି କେତେକ କାରଣରୁ କାନରେ ଯନ୍ତ୍ରଣା ହୋଇଥାଏ ।

**କାନରେ ଯନ୍ତ୍ରଣାର ଲକ୍ଷଣ:** କେବେ କେବେ କାନରେ ଯନ୍ତ୍ରଣା ହେବା କାରଣରୁ ଠିକରେ ଶୁଣାଯାଏନି । କିଛି ଲୋକଙ୍କ କାନରେ ତରଳ ପଦାର୍ଥ ମଧ୍ୟ ବାହାରି ଥାଏ । କାନ ଯନ୍ତ୍ରଣା କାରଣରୁ ପିଲାଙ୍କୁ ଶବ୍ଦ ରହି ରହି ଶୁଣାଯାଏ । ଜ୍ୱର ଆସିବା, ଶୋଇବାରେ ସମସ୍ୟା ଦେଖାଦେବା, କାନରେ ଅସହଜ ଲାଗିବା, ଚିଡ଼ିଚିଡ଼ାପଣ, ମୁଣ୍ଡବ୍ୟଥା ଓ ଭୋକ କମିଯିବା ଭଳି ଲକ୍ଷଣ ଦେଖା ଦେଇପାରେ ।


**କାନ ଯନ୍ତ୍ରଣାର ସାମାନ୍ୟ କାରଣ:** ସଂକ୍ରମଣ, ଆଘାତ, କାନରେ ଜ୍ୱଳନ କାରଣରୁ କାନରେ ଯନ୍ତ୍ରଣା ହୋଇପାରେ । ଦାନ୍ତରେ ଯନ୍ତ୍ରଣା କାରଣରୁ ମଧ୍ୟ କାନରେ କଷ୍ଟ ଅନୁଭବ ହୁଏ । ଇନଫେକ୍ସନ କାରଣରୁ କାନ ଭିତରୁ ଯନ୍ତ୍ରଣା ହୋଇଥାଏ । ଇନଫେକ୍ସନ ସୁଇମିଂ ହେଡ୍‌ଫୋନ୍, ତୁଳା ଓ ଆଙ୍ଗୁଠି ପୂରାଇବା ଦ୍ୱାରା ବାହାରୁ ସଂକ୍ରମଣ ହୋଇପାରେ ।



**କାନ ଯନ୍ତ୍ରଣା ଅନ୍ୟ କାରଣ:** ବାୟୁର ପ୍ରଭାବ, କାନରେ ମଇଳା, ଗଳା ଖରାପ ହେଲେ, ସାଇନସର ସଂକ୍ରମଣ, କାନରେ ପାଣି ବା ସାମ୍ପୁ ପଶିଗଲେ, ଦାନ୍ତରେ ସଂକ୍ରମଣ, କାନରେ ଏକଜିମା ହେବା କାରଣରୁ ମଧ୍ୟ ଯନ୍ତ୍ରଣା ହୋଇଥାଏ ।

**ଘରେ କେମିତି କରିବେ ଚିକିତ୍ସା:** କାନରେ ଯନ୍ତ୍ରଣା ହେଲେ ଏହାର ଚିକିତ୍ସା ଘରେ କରାଯାଇପାରିବ । କାନକୁ ଓଦା ହେବାକୁ ଦିଅନ୍ତୁ ନାହିଁ । କାନରୁ ଯନ୍ତ୍ରଣା ହ୍ରାସ କରିବା ପାଇଁ ସିଧା ହୋଇ ବସନ୍ତୁ । ଚୁଇଗମ୍ ଚୋବାଇବାରେ ମଧ୍ୟ କମ୍ ପ୍ରଭାବ ପଡ଼ିପାରେ । ନବଜାତ ଶିଶୁ କାନରେ ଯନ୍ତ୍ରଣା ଯଦି ହୁଏ ତାକୁ କ୍ଷୀର ପିଅନ୍ତୁ । ଏଥିରେ କାନରେ ଯନ୍ତ୍ରଣା ପ୍ରଭାବ କମିଯାଏ ।

# ଗୃହ ନିର୍ମାଣ ପାଇଁ ବାସ୍ତୁ ନିୟମ




ବାସ୍ତୁ ଅନୁସାରେ ଭୂମି ଚୟନ କରିବା ଉପରେ ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ । ବାସ୍ତୁ ସିଦ୍ଧାନ୍ତରେ କୁହାଯାଇଛି ଯେ, ଚାରିପାର୍ଶ୍ୱ ତଥା ଭବନର ମଧ୍ୟଭାଗରେ ଖୋଲା ଆକାଶ ରହିବା ଆବଶ୍ୟକ । ଭବନରେ ଜଳ ଭଣ୍ଡାରର ସ୍ଥାନ ପ୍ରତି ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ । ଏହି କ୍ରମରେ ଆଗ୍ନେୟ ଉପକରଣଗୁଡ଼ିକୁ ଆଗ୍ନେୟ କୋଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାୟୁ ଆତଯାତ ସକାଶେ ବେଶୀ ଗବାକ୍ଷ(ଝରକା) ଏବଂ ଆଲୋକ ଗବାକ୍ଷ (ସ୍କାଏ ଲାଇଟ୍) ରହିବା ଆବଶ୍ୟକ । ଏହି ତତ୍ତ୍ୱଗୁଡ଼ିକର ପରସ୍ପର କ୍ରିୟା-ପ୍ରତିକ୍ରିୟା ଅନୁସାରେ ସେଗୁଡ଼ିକ ଭିତରେ ସନ୍ତୁଳନ ରଖାଯାଏ । ଯଦି ବିପରୀତ ତତ୍ତ୍ୱଗୁଡ଼ିକ ଭିତରେ ସନ୍ତୁଳନ ରଖା ନ ଯାଏ, ତା' ହେଲେ ଅଶୁଭ ପରିଣାମ ହୋଇଥାଏ । ପଞ୍ଚତତ୍ତ୍ୱର ପ୍ରଭାବକୁ ଅନୁକୂଳ କରିବା ସହିତ ଦିଗ ନିର୍ଦ୍ଧାରଣରେ ଉତ୍ତର ଧ୍ରୁବରୁ ଆସୁଥିବା ଚୁମ୍ବକୀୟ ପ୍ରବାହ ଏବଂ ପୂର୍ବ ଦିଗରୁ ଆସୁଥିବା ସୂର୍ଯ୍ୟରଶ୍ମୀକୁ ଗୃହ ଭିତରେ ଠୁଳ କରି ତହିଁରୁ ସୁଫଳ ପାଇବାର କଳା -କୌଶଳ ମଧ୍ୟ ଏହି ଶାସ୍ତ୍ରରେ ନିହିତ ଅଛି । ଏପରି ଭାବେ ଭବନ ନିର୍ମାଣ କରାଯାଏ, ଯେପରି ଚୁମ୍ବକୀୟ ଶକ୍ତି ଉତ୍ତର ଧ୍ରୁବରୁ ଦକ୍ଷିଣ ଦିଗକୁ ପ୍ରବାହିତ ହେବ । ବାସ୍ତୁଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ସମସ୍ତ ଭାରୀ ବସ୍ତୁ ଭବନର ପଶ୍ଚିମ ଦିଗରେ ରଖିବା ବିଧେୟ ।

# କଳା ଅଙ୍ଗୁର


*ପନିପରିବା ଏବଂ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । କଳା ଅଙ୍ଗୁରକୁ ସବୁଠାରୁ ଅଧିକ ପସନ୍ଦ କରାଯାଇଥାଏ । ଅନେକ ସମୟରେ ମନରେ ପ୍ରଶ୍ନ ଆସେ କଳା ଅଙ୍ଗୁର ଏବଂ ସବୁଜ ଅଙ୍ଗୁର ମଧ୍ୟରୁ କେଉଁ ଅଙ୍ଗୁର ସବୁଠାରୁ ଅଧିକ ଲାଭଦାୟକ ହୋଇଥାଏ । ଗୁଣ ଅନୁସାରେ ଦୁଇଟିଯାକ ଲାଭଦାୟକ କିନ୍ତୁ କଳା ଅଙ୍ଗୁର ସ୍ୱାସ୍ଥ୍ୟ ସହ ଚର୍ମ ପାଇଁ ମଧ୍ୟ ଉତ୍ତମ ହୋଇଥାଏ ।*



କଳା ଅଙ୍ଗୁର ଖାଇବା ଦ୍ୱାରା ମଧୁମେହ ରୋଗ ଭଲ ହୋଇଥାଏ । ଏହି ଅଙ୍ଗୁରରେ ରେସଭେରାଟ୍ରଲ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ରକ୍ତରେ ଇନସୁଲିନ୍ ବଢ଼ାଇଥାଏ । ଏହି ଉପାୟରେ ସୁଗାର୍‌ର ସନ୍ତୁଳନ ଠିକ୍ ରହିଥାଏ । ଏହା ଶରୀରରେ ରକ୍ତ ପ୍ରବାହକୁ ବଢ଼ାଇଥାଏ । ଏଥିପାଇଁ ରକ୍ତଚାପ ସମସ୍ୟା ମଧ୍ୟ ରହିନଥାଏ । କଳା ଅଙ୍ଗୁରରେ ଥିବା ସାଇଟୋକେମିକଲ୍ସ ହୃତପିଣ୍ଡକୁ ସୁସ୍ଥ ରଖିଥାଏ । ଏହା ଶରୀରରେ କୋଲେଷ୍ଟ୍ରଲର ମାତ୍ରା ମଧ୍ୟ ନିୟନ୍ତ୍ରଣରେ ରଖିଥାଏ ।

ରେସଭେରାଟ୍ରଲ ତତ୍ତ୍ୱ ବ୍ୟାକ୍ଟେରିଆ ଏବଂ ଫଙ୍ଗସକୁ ନଷ୍ଟ କରିଥାଏ । ଯାହାକି ଶରୀରରେ କୌଣସି ପ୍ରକାରର ସଂକ୍ରମଣ ସୃଷ୍ଟି କରିପାରେ । ଏହା ପୋଲିଓ ଏବଂ ହର୍ପ୍ସ ଭଳି ରୋଗ ସହ ଲଢ଼ିବାରେ ସାହାଯ୍ୟ କରିଥାଏ କାରଣ କଳା ଅଙ୍ଗୁରରେ ଭାଇରସ୍ ସହ ଲଢ଼ିବାର କ୍ଷମତା ରହିଥାଏ । କଳା ଅଙ୍ଗୁର ଚର୍ମକୁ ଲୋଉକୋଉ ହେବାରୁ ଦୂରରେ ରଖିଥାଏ ଚର୍ମକୁ ଉଜ୍ଜ୍ୱଳ ରଖିଥାଏ । ଏହାକୁ କ୍ରମାଗତ ଭାବରେ ଖାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଚର୍ମ ସେଲକୁ ସୁସ୍ଥ ରଖିଥାଏ । ଏଥିରେ ଥିବା ଭିଟାମିନ୍-ଇ ରୁପି, କେଶ ଝଡ଼ିବା ବା ଧଳା ହେବାର ସମସ୍ୟା ଦୂର କରିଥାଏ । ମସ୍ତିଷ୍କର ଚର୍ମ ଶକ୍ତ ହୋଇଥାଏ ଯାହା ଫଳରେ କେଶ ଘନ, ନରମ ଏବଂ ମଜଭୁତ ହୋଇଥାଏ । ମାଇଗ୍ରେନ(ଅଧକପାଳୀ) ସମସ୍ୟା ଥିବା ଲୋକ କଳା ଅଙ୍ଗୁର ରସ ପିଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ  କିଛି ଦିନ କଳା ଅଙ୍ଗୁର ରସ ପିଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।

# ପରୋପକାରାୟ



ପୁଣ୍ୟ ଅର୍ଜନ କରିବା ଲାଗି ଲୋକମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି । ମନ୍ଦିରରେ ସୁନାର ମୁକୁଟ ଅର୍ପଣ କରିଥାନ୍ତି । କିମ୍ବା ମନ୍ଦିରକୁ ମୋଟା ଅଙ୍କର ଦାନ ଦେଇଥାନ୍ତି । କେବେ କେବେ ଗରିବ ଲୋକଙ୍କୁ ଭୋଜନ ଦେଇଥାନ୍ତି । ଏହାବ୍ୟତୀତ ହୋମ କରାଇବା, କନ୍ୟାଦାନ କରିବା ଏବଂ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦ୍ୱାପର ଯୁଗର କଥା ମହର୍ଷି ବେଦବ୍ୟାସ ପୁରାଣ ରଚନା କରୁଥାନ୍ତି । ଏହି ସମୟରେ ପୁରାଣର ଅଧ୍ୟୟନ କରି ଏହାର ପ୍ରଚାରପ୍ରସାର ଲାଗି ସେ ଦେବର୍ଷି ନାରଦଙ୍କୁ କହିଲେ । ନାରଦ କହିଲେ ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପୁରାଣ ପଢ଼ିବା ମୋର କ୍ଷମତା ଠାରୁ ବାହାରେ । ତେଣୁ ସଂକ୍ଷେପରେ ପୁରାଣର ସାର ମୋତେ କୁହନ୍ତୁ । ଏହାଶୁଣି ବ୍ୟାସଦେବ କହିଲେ, "ଅଷ୍ଟାଦଶ ପୁରାଣେଶୁ ବ୍ୟାସସ୍ୟବଚନଦ୍ୱୟମ୍ । ପରୋପକାରାୟ ପୁଣ୍ୟାୟ ପାପାୟପରପୀଡ଼ନମ୍ ।।" ଅର୍ଥାତ୍ ସମସ୍ତ ପୁରାଣର ସାର ଏହା ଯେ ଅନ୍ୟକୁ କଷ୍ଟ ପହଞ୍ଚାଇବା ସବୁଠୁ ବଡ଼ ପାପ । ଆବଶ୍ୟକତା ପଡ଼ିଲେ ଅନ୍ୟକୁ ସାହାଯ୍ୟ କରିବା ହେଉଛି ସବୁଠୁ ବଡ଼ ପୁଣ୍ୟ । ପରୋପକାରୀ ମନୁଷ୍ୟକୁ ତିନି ଲୋକରେ ସମ୍ମାନ ମିଳିଥାଏ । ପରୋପକାର କରିବା ଉଦ୍ଦେଶ୍ୟରେ ନଦୀ ପ୍ରବାହିତ ହୋଇଥାଏ । ବୃକ୍ଷ ଫଳ, ଫୁଲ ଓ ଛାଇ ପ୍ରଦାନ କରିଥାଏ । ଚନ୍ଦ୍ରମା ଶୀତଳତା, ସମୁଦ୍ର ବର୍ଷା, ଗାଈ ଦୁଗ୍ଧ, ବାୟୁ ପ୍ରାଣ ଶକ୍ତି ପ୍ରଦାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ ପରୋପକାର ନିମନ୍ତେ ରାଜା ରନ୍ତିଦେବଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡ଼ିଥିଲା । ଏହାପରେ ତାଙ୍କୁ ଭୋଜନ ମିଳିଥିଲା । ହେଲେ ଏହି ଭୋଜନ ସେ ତାଙ୍କ ନିକଟରେ ଅତିଥି ହୋଇଥିବା ଜଣେ ଭୋକିଲା ଲୋକକୁ ଦେଇଥିଲେ । ଠିକ୍ ସେହିପରି ଋଷି ଦଧୀଚି ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜ ଅସ୍ଥି ପ୍ରଦାନ କରିଥିଲେ । ଯାହାଦ୍ୱାରା ଇନ୍ଦ୍ର ବଜ୍ର ନିର୍ମାଣ କରିଥିଲେ । ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ । କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ । ରାଜା ଶିବି ତାଙ୍କ ଶରଣକୁ ଆସିଥିବା ପାରା ପାଇଁ ନିଜ ଶରୀର ମାଂସ ପ୍ରଦାନ କରିଦେଇଥିଲେ । ଯୀଶୁଖ୍ରୀଷ୍ଟ ଫାଶୀରେ ଚଢ଼ି ଯାଇଥିଲେ ଏବଂ ସୁକରାତ୍ ଲୋକ କଲ୍ୟାଣ ନିମନ୍ତେ ବିଷ ପିଇଦେଇଥିଲେ । ଶିଖ୍ ମାନଙ୍କ ଧର୍ମ ଗୁରୁ ନାନକ ଦେବ ବ୍ୟବସାୟ ନିମନ୍ତେ ମିଳିଥିବା ସମ୍ପତ୍ତି ସାଧୁସନ୍ଥମାନଙ୍କ ଭୋଜନ ପାଇଁ ଖର୍ଚ୍ଚ କରି ଅନନ୍ୟ ଉଦାହରଣ ପ୍ରତିଷ୍ଠା କରିଥିଲେ । ଏପରି ଅନେକ ଉଦାହରଣ କରି, ଯାହା କହିଥାଏ ଯେ ପରୋପକାର ଠାରୁ ବଡ଼ ପୁଣ୍ୟ ଆଉ ନାହିଁ ।

*ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ । କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ ।*

# ପ୍ରକୃତ ଧର୍ମ



ବାରାଣସୀର ଗଙ୍ଗା ନଦୀ କୂଳରେ ଜଣେ ଗୁରୁଜୀ ରହୁଥିଲେ । ତାଙ୍କର ଅନେକ ଶିଷ୍ୟ ଥିଲେ । ଶିକ୍ଷା ଶେଷ ହେବା ପରେ ଗୁରୁଦେବ କିଛି ଶିଷ୍ୟଙ୍କୁ ଆଶୀର୍ବାଦ ଦେଇ ବିଦାୟ କରିବାକୁ ବାହାରିଲେ । ସକାଳୁ ଗଙ୍ଗା ସ୍ନାନ କରିବା ପରେ ଗୁରୁଦେବ ଏବଂ ତାଙ୍କର ଶିଷ୍ୟମାନେ ପୂଜା କରିବାକୁ ବସିଗଲେ । ସମସ୍ତେ ଧ୍ୟାନ କରୁଥିବା ସମୟରେ ଜଣେ ଶିଶୁର ସ୍ୱର ଶୁଭିଲା । ସେ ସାହାଯ୍ୟ ପାଇଁ ଡାକୁଥିଲା । ଏହି ସମୟରେ ଜଣେ ଶିଷ୍ୟ ନିଜ ଜୀବନକୁ ବାଜି ଲଗାଇ ନଦୀ ଗର୍ଭକୁ ଡେଇଁ ପଡ଼ିଲା । ସେ କୌଣସି ପ୍ରକାରେ ଉକ୍ତ ଶିଶୁକୁ ବଞ୍ଚାଇ ନଦୀ କୂଳକୁ ନେଇ ଆସିଲା । ସେପର୍ଯ୍ୟନ୍ତ ସବୁ ଶିଷ୍ୟ ଧ୍ୟାନ ମଗ୍ନ ଥାଆନ୍ତି । କିନ୍ତୁ ଗୁରୁଦେବ ସମସ୍ତ ଘଟଣାକ୍ରମକୁ ନିଜ ଆଖିରେ ଦେଖୁଥିଲେ । ଏଥର ଗୁରୁଦେବ ସମସ୍ତଙ୍କୁ କହିଲେ, ଜଣେ କାନ୍ଦୁଥିବା ଶିଶୁର ଡାକ ଶୁଣି ତୁମମାନଙ୍କର ଜଣେ ଶିଷ୍ୟ ତା'କୁ ବଞ୍ଚାଇବା ଲାଗି ନଦୀକୁ ଡେଇଁ ପଡ଼ିଲା । ଶିଷ୍ୟମାନେ କହିଲେ, ସେ ପୂଜା ସ୍ଥଳରୁ ଉଠିଯାଇ ଅଧର୍ମ କରିଛି । ଏହାଶୁଣି ଗୁରୁଦେବ କହିଲେ, ଅଧର୍ମ ସେ ନୁହେଁ, ତୁମେ ମାନେ କରିଛ । ତୁମେ ବୁଡ଼ିଯାଉଥିବା ଏକ ଶିଶୁର ଡାକ ଶୁଣିପାରିଲ ନାହିଁ । ପୂଜା-ପାଠ, ଧର୍ମ-କର୍ମର ଉଦ୍ଦେଶ୍ୟ ହେଉଛି ପ୍ରାଣୀମାନଙ୍କର ରକ୍ଷା କରିବା । ତୁମେ ଆଶ୍ରମରେ ଧର୍ମ ଶାସ୍ତ୍ର, ବ୍ୟାକରଣ, ଧର୍ମ-କର୍ମ ଆଦିରେ ପାରଙ୍ଗମ ହେଲ, କିନ୍ତୁ ଧର୍ମର ମର୍ମ ଏଯାଏଁ ବୁଝିପାରିଲ ନାହିଁ । ପରୋପକାର ଏବଂ ସଂକଟରେ ପଡ଼ିଥିବା ପ୍ରାଣୀର ଉଦ୍ଧାର ଠାରୁ ବଡ଼ ଧର୍ମ ଆଉ ନାହିଁ ।

## ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାରେ 'ତ୍ରିରଙ୍ଗା ପଦଯାତ୍ରା'ରେ କେନ୍ଦ୍ରମନ୍ତ୍ରୀ

# ଆଦର୍ଶ, ସମର୍ପଣ ଓ ପ୍ରେରଣାର ତୀର୍ଥସ୍ଥଳ ହେବ ଖିଣ୍ଡା









ସମ୍ବଲପୁର,୨୪/୧: ପବିତ୍ର ଖିଣ୍ଡା ମାଟି ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ପାଇଁ ଗର୍ବିତ । ତାଙ୍କ ପରି ଅଦ୍ୱିତୀୟ ନେତୃତ୍ୱଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବା ପାଇଁ ଖିଣ୍ଡା ଗ୍ରାମକୁ ଭାରତ ସରକାର, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଆଦର୍ଶ, ସମର୍ପଣ ଓ ପ୍ରେରଣାର ତୀର୍ଥସ୍ଥଳ କରାଯିବ । ସାମୂହିକ ଉଦ୍ୟମରେ ଖିଣ୍ଡା ଗ୍ରାମକୁ ଆଧୁନିକ ଗ୍ରାମ କରିବା ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଓଡ଼ିଶା ମାଟିର ଗୌରବ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ସମ୍ବଲପୁର ଖିଣ୍ଡାରେ ଆୟୋଜିତ 'ତ୍ରିରଙ୍ଗା ପଦଯାତ୍ରା'ରେ ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ ହୋଇଥିଲେ । ଖିଣ୍ଡା ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ଆଜି ଭଳି ପବିତ୍ର ଦିନରେ ମହାପୁରୁଷ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟିକୁ ଆସି ନିଜକୁ ସୌଭାଗ୍ୟଶାଳୀ ମନେ କରୁଛି । ୨୧୭ ବର୍ଷ ପୂର୍ବେ ଊନବିଂଶ ଶତାବ୍ଦୀରେ ଏହି ଖିଣ୍ଡା ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ଯୁବାବସ୍ଥାରୁ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ ତାଙ୍କର ମାତୃଭୂମି ପ୍ରତି ଥିବା ଭଲ ପାଇବାକୁ ପ୍ରତିଫଳିତ କରୁଛି । ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଓଡ଼ିଆ ଜାତିର ଅନ୍ୟତମ ପରିଚୟ । ବୀର ସୁରେନ୍ଦ୍ର ସାଏ ତାଙ୍କ ଭାଇ ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜଳ ସାଏ, ମେଦିନୀ ସାଏ ଏବଂ ପରିବାର ସଦସ୍ୟଙ୍କ ସହଯୋଗରେ ବ୍ରିଟିଶ ଆଗରେ ମୁଣ୍ଡ ନ ନୁଆଁଇ ସେମାନଙ୍କ ସହ ସଂଘର୍ଷ କରିଥିଲେ, ଯେଉଁଥିପାଇଁ ତାଙ୍କୁ ହଜାରିବାଗ ଏବଂ ପରବର୍ତ୍ତୀ ଅବସ୍ଥାରେ ଆସିରଗଡ ଦୁର୍ଗରେ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡିଥିଲା । ସମ୍ପୂର୍ଣ୍ଣ ପରିବାରର ବଳିଦାନ କାରଣରୁ ଆମ ଦେଶ ସ୍ୱାଧୀନତା ପାଇଛି । ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଉଦନ୍ତ ସାଏ ଜୀବନର ୪୭ ବର୍ଷ କାରାଗରରେ ବିତାଇଥିଲେ, ଯାହା ବିରଳ । ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଏହି ଅଜଣା ନାୟକମାନଙ୍କୁ ବିଶ୍ୱସ୍ତରକୁ ନେବାର ସମୟ ଆସିଛି । ସମ୍ବଲପୁର ହେଉ କିମ୍ବା ଝାରସୁଗୁଡ଼ା, ପ୍ରତି ଗାଁରେ ଲୋକମାନେ ଇଂରେଜଙ୍କ ବିରୋଧରେ ଏକାଠି ହୋଇ ଦେଶ ପାଇଁ ଥିବା ସମର୍ପଣ ଭାବନାର ପ୍ରମାଣ ଦେଇଛନ୍ତି । ଏହି ଭୂମିରେ ବୀର ସୁରେନ୍ଦ୍ର ସାଏ 'ଉଲଗୁଲାନ୍' (ବିପ୍ଳବ) ମଧ୍ୟ ଆରମ୍ଭ କରିଥିଲେ । ସେଭଳି ଜଣେ ଅଦ୍ୱିତୀୟ ସଂଗ୍ରାମୀଙ୍କ ଜନ୍ମମାଟି ଖିଣ୍ଡା ଗ୍ରାମକୁ ଆଦର୍ଶ ଗାଁରେ ପରିଣତ କରିବା ପାଇଁ ଆମେ ସମସ୍ତେ ଯୋଜନା କରିବା ଦରକାର । ସମାଜର ସବୁ ବର୍ଗର ଲୋକଙ୍କୁ ଏକାଠି କରି ବୀର ସୁରେନ୍ଦ୍ର ସାଏଙ୍କ ଆଦର୍ଶକୁ ଆଗେଇ ନେବା, ଆମ ସମସ୍ତଙ୍କ ସଂକଳ୍ପ ହେବା ଦରକାର । ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟି ଦାୟିତ୍ୱରେ ଥିବା ଡୁଙ୍ଗବୀର ଛବିଳ ସାଏ ବ୍ରିଟିଶ ମାନଙ୍କ ସହ ଅଦମ୍ୟ ସାହସର ସହ ଲଢି ସେ ଏବଂ ତାଙ୍କର ୫୩ ସହଯୋଗୀ ସଂଗ୍ରାମୀ ଶହୀଦ ହୋଇଥିଲେ ଓ ୪ ଜଣଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା । ୨୩ ଜାନୁଆରୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ । ଏହି ସମୟ ଅବଧିରେ ତଥା ଡିସେମ୍ବର ୩୦ରୁ ଜାନୁଆରୀ ୨୩ ପର୍ଯ୍ୟନ୍ତ ଭାରତ ସରକାର ଓ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଏକ ଉତ୍ସବ କରି ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ବଳିଦାନକୁ ପୁନର୍ଜୀବିତ କରାଯିବା ଦରକାର । ସେ କହିଛନ୍ତି ଯେ ମୁଁ ଆଜିର ଦିନରେ ବହୁତ ପ୍ରଭାବିତ । ଏହି ଅଞ୍ଚଳର ଚାଷୀ ଯଦୁମଣି ସାହୁ ତାଙ୍କ ଚାଷ କାମରୁ ଉପାର୍ଜନ କରିଥିବା ୫୦ ହଜାର ଟଙ୍କା ବୀର ସୁରେନ୍ଦ୍ର ସାଏଙ୍କ ନାମରେ ସମ୍ବଲପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଏକ ପାଣ୍ଠି ଗଠନ କରି ତାହାକୁ ଛାତ୍ରବୃତ୍ତି ମାଧ୍ୟମରେ ଖିଣ୍ଡା ଗ୍ରାମର ଛାତ୍ରଛାତ୍ରୀଙ୍କୁ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଭାରତର ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏ ଅଦମ୍ୟ ସାହସ ଦେଖାଇବା ସହ ଅଧିକ ସମୟ କାରାଗାରରେ ସମୟ ବିତାଇଥିଲେ ଓ ଶେଷରେ ଦେଶ ମାତୃକାର ସେବା ପାଇଁ ବଳିଦାନ ଦେଇଥିଲେ । ତାଙ୍କ ପରି ମହାନ ବିପ୍ଳବୀଙ୍କୁ ଆଜିର ଦିନରେ ମନେ ପକାଇବା ଆମ ସମସ୍ତଙ୍କ ପାଇଁ ଏକ ଗୌରବର ଅବସର । ତାଙ୍କର ନିଷ୍ଠା ଓ ସାହସ ଓଡିଶାର ଯୁବପିଢିଙ୍କୁ ଯୁଗ ଯୁଗ ଧରି ଅନୁପ୍ରାଣିତ କରୁଥିବ, ଏଥିରେ ସନ୍ଦେହ ନାହିଁ । ଉଲ୍ଲେଖନୀୟ ଯେ, ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ପରାକ୍ରମ ଦିବସ ଅବସରରେ ସମ୍ବଲପୁରର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଇଉକାଲି ପଟାସ ଜଙ୍ଗଲ ରେ ନିଆଁ ଲାଗିଲା



ପାଟଣା ୨୪/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡା ଗ୍ରାମ ହନୁମାନ ଛକ ନିକଟରେ ୫ଏକର ୟୁକାଲି ପଟାଶ ଜଙ୍ଗଲରେ ନିଆଁ ଲାଗି ଜଳି ଯାଇଛି । ଖବର ରୁ ପ୍ରକାଶ ଯେ ଘରୋଇ ମାଲିକାନା ରେ ଥିବା ଏହି ଜଙ୍ଗଲ ରେ କେହି ଜଣେ ଦୃର୍ବୃତ୍ତ ନିଆଁ ଲଗାଇ ଦେଇ ଚାଲିଯାଇଥିଲା । ଯାହା ଫଳରେ ୫ ଏକର ପାଖା ପାଖି ଜଙ୍ଗଲ ଜଳି ପାଉଁଶ ହୋଇଯାଇଛି । ଜଙ୍ଗଲରେ ଥିବା ବନ୍ୟ ଜନ୍ତୁ ମାନେ ଭୟରେ ଜଙ୍ଗଲ ଛାଡି ପଳାଇ ଯାଇଛନ୍ତି । ଏହି ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ ମଧ୍ୟ ଜଳି ପାଉଁଶ ହୋଇଯାଇଛି । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ କୁ ଆୟତ କରିଥିଲେ । ହାବିଲ ଦାର ରମେଶ ଦାଶ୍, ଅଗ୍ନିକ ଅରୁଣ କୁମାର ନାଏକ, ଶିବ ବେହେରା, ଅକ୍ଷୟ ରାଜ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ କରିଥିଲେ ।ପାଟଣା ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଲିଭି ଯାଇଥିଲା । ତେବେ ଏହି ଜଙ୍ଗଲ ଘରୋଇ ଜାଗା ରେ ଥିବାରୁ ଏଠାରେ ଜାଣି ଶୁଣି ଲିଆଁ ଲଗାଯାଇଥିବା ସନ୍ଦେହ କରୁଛନ୍ତି ।

## ୧୯ ପଥର ବୋଝେଇ ଗାଡ଼ି ଜବତ



କଣାସ ୨୪/୧ (ନି.ପ୍ର): ଅନେକ ସମୟରେ ସରକାର ଜମିରୁ ମାଟି,ବାଲି,ଗୋଡ଼ି,ପଥର ମାଫିଆମାନେ ସକ୍ରିୟ ହୋଇ ଚୋରା ଚାଲାଣ କରୁଥିବା ବେଳେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି । ପଥର ମାଫିଆ ମନେ ମାଲାମାଲ ହେଉଛନ୍ତି ।ଏହି ବେଆଇନ ଚୋରା ପଥର ଚାଲାଣ କାରବାରକୁ ସମ୍ପୂର୍ଣ୍ଣ ରୋକିବାକୁ ସରକାର ପ୍ରୟାସ କରୁଥିବା ବେଳେ କେତକ ମାଫିଆ ଗଳାବାଟ ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି ।ଖବର ନେବାରେ ଜଣାପଡିଛି ଗୁରୁବାର ସକାଳୁ ମାଇନ୍ସ ବିଭାଗର ଅଧିକାରୀ ସମୀର ମିଶ୍ର, କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ମିଳିତ ଭାବେ ଚଢାଉ କରି ବିଜିପୁର ଛକରୁ ୧୯ଟି ପଥର ବୋଝେଇ ଟ୍ରକ ଜବତ କରିଛି । ପଥର ଜବତ ହୋଇଥିବା ଗାଡ଼ିର କାଗଜପତ୍ର ଯାଞ୍ଚ କରାଯିବା ସହ ବେଆଇନ୍ ଘୋଷିତ ହେଲେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଶ୍ରୀ ଜୁଝାରସିଂହ କହିଛନ୍ତି ।କଣାସ ଅଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ଜମିରେ ଥିବା ବାଲି ,ମାଟି,ଗୋଡ଼ି ଓ ପଥର ଉପରେ ଚୋରା ଚାଲାଣକାରୀମାନେ ଲୋଲୁପ ଦୃଷ୍ଟି ପକାଇ ସେଗୁଡିକୁ ବିନା କାଗଜ ପତ୍ରରେ ହଡ଼ପ କରୁଛନ୍ତି ।ଯାହା ଫଳରେ ସରକାରଙ୍କ ଅନେକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି ।ଏହି ଚଢାଉ କାର୍ଯ୍ୟରେ କଣାସ ଥାନା , ତହସିଲର ରାଜସ୍ୱ ନୀରିକ୍ଷକ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମୋଟାବାଡି ଗ୍ରାମରେ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ବୁଗୁଡ଼ା ୨୪/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ଗ୍ରାମରେ ଜାନୁଆରୀ ୨୩ ତାରିଖ ଦିନ ପୋଲସରା ବିଧାୟକ ତଥା ମତ୍ସ୍ୟ କ ପ୍ରାଣୀ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମନ୍ତ୍ରୀ ଶ୍ରୀ ମଲିକଙ୍କୁ ଗ୍ରାମକୁ ପଟୁଆରରେ ପାଛୋଟି ନେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇ ତାହାର ସୁଫଳ ନେବାପାଇଁ ପରାମର୍ଶ ଦେଇଥିଲେ । ଏହା ସହିତ ଯେକୌଣସି ଲୋକଙ୍କ ଅସୁବିଧା ହେଲେ ସିଧାସଳଖ ମୋ ସହିତ ଯୋଗାଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ ବାଲିଛାଇ, ନାଗିରି ଓ ଠଣାପଲ୍ଲୀ ଗ୍ରାମର ନାମ ମୋଟାବାଡି ପଞ୍ଚାୟତ ତାଲିକାରେ ନଥିବା ହେତୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହାକୁ ସ୍ଥାନିତ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ମୋଟାବାଡି ଗ୍ରାମର ଲୋକଙ୍କ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଡାକରାବାଡି ଗ୍ରାମର ଭାସ୍କର ପ୍ରଧାନ, ସୁଶାନ୍ତ ପ୍ରଧାନ, ଗୌର ପ୍ରଧାନ, ସନ୍ତୋଷ ପ୍ରଧାନ, ବିଶୁ ପ୍ରଧାନ, ବିପ୍ର ପ୍ରଧାନ, ଶରତ ପ୍ରଧାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ଜନସମ୍ପର୍କ ଓ ସହଯୋଗରେ ଆକୃଷ୍ଟ ହୋଇ ବିଜେଡି ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ ସମସ୍ତଙ୍କୁ ବିଜେପି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଥିଲେ । ମନ୍ତ୍ରୀଙ୍କ ସହ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀ, ସମିତି ସଭ୍ୟ ଶିବଶଙ୍କର ପ୍ରଧାନ, ଗଙ୍ଗାଧର ନାୟକ, ହରିହର ସାହୁ, ମଦନ ଗୋପାଳ ଦୋରା, ସୁନୀଲ ପାଢ଼ୀ, ସୁଶାନ୍ତ କୁମାର ରାଉତ, ବସନ୍ତ କୁମାର ସାମଲ, ଉମାଶଙ୍କର ଜେନା, ଦିଲ୍ଲୀପ ପ୍ରଧାନ, ସୁଶାନ୍ତ କୁମାର ଡାକୁଆ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ ।



## ସହିଦ୍ ଭଗତ୍ ସିଂ ଡିଗ୍ରୀ ମହାବିଦ୍ୟାଳୟ ରେ ନାକ ଟିମ୍



ବୁଗୁଡା, ୨୪/୧ (ନି.ପ୍ର):ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ୍ କାଉନସିଲ୍ (NAAC) ର ଏକ ବିଶେଷଜ୍ଞ ଦଳ ଅନୁଷ୍ଠାନର ପ୍ରଥମ ଚକ୍ର ମାନ୍ୟତା ପ୍ରକ୍ରିୟାର ଏକ ଅଂଶ ଭାବରେ ଜାନୁଆରୀ ୨୧ ଓ ୨୨ ତାରିଖରେ ଗଞ୍ଜାମ ଜିଲ୍ଲାର ଖଣ୍ଡଦେଉଳି ସହିଦ ଭଗତ ସିଂ ଡିଗ୍ରୀ କଲେଜ ପରିଦର୍ଶନ କରିଥିଲେ । ତିନିଜଣ ନାକ ଟିମ ସଦସ୍ୟଙ୍କୁ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ସ୍ୱାଗତ କରିବା ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରିନ୍ସପାଲ ମିନତି ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଇଥିଲା । ନାକ ଟିମ ସଦସ୍ୟମାନେ କାଲେଜର ଛାତ୍ରଛାତ୍ରୀ , ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହ ଆଲୋଚନା କରି ଅନୁଷ୍ଠାନର ଭିତ୍ତିଭୂମି, ଏକାଡେମିକ୍ କାର୍ଯ୍ୟକ୍ରମ ଓ ଅନୁସନ୍ଧାନ କାର୍ଯ୍ୟକଳାପର ମୂଲ୍ୟାଙ୍କନ କରିଥିଲା । ଦଳର ମୂଲ୍ୟାଙ୍କନ ଶିକ୍ଷାଦାନ, ଶିକ୍ଷା, ଅନୁସନ୍ଧାନ ଏବଂ ସମ୍ପ୍ରଦାୟର ଯୋଗଦାନ ସହିତ ବିଭିନ୍ନ ଦିଗ ଉପରେ ଧ୍ୟାନ ଦେଇଥିଲା । ସେମାନେ ଅନୁଷ୍ଠାନର ଆତ୍ମ-ସମୀକ୍ଷା ରିପୋର୍ଟକୁ ମଧ୍ୟ ଅନୁଧ୍ୟାନ କରିବା ସହ ଦିଆଯାଇଥିବା ରିପୋର୍ଟକୁ ଯାଞ୍ଚ କରିଥିଲେ । ନାକ ଟିମର ଏହି ଗସ୍ତ ସହିଦ ଭଗତ ସିଂ ଡିଗ୍ରୀ କଲେଜ ପାଇଁ ଏକ ଆବଶ୍ୟକୀୟ ଚାଲେଞ୍ଜ ଥିଲା, ଯାହା ମାନ୍ୟତା ହାସଲ କରିବା ତଥା ଗୁଣାତ୍ମକ ଶିକ୍ଷା ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

## ମହୁଲିଭାଟା ପୋଖରୀ ନିକଟରେ ଟ୍ରକ ଓ ବାଇକ ମୁହାଁମୁହିଁ ଧକା ଜଣେ ମୃତ




ନବରଙ୍ଗପୁର ୨୪/୧ (ନି.ପ୍ର):ଆଜି ଅପରାହ୍ନ ୫ ଘଣ୍ଟା ସମୟରେ ରାଇଘର ଠାରୁ ହାଟଭରଣ୍ଡୀ ଯିବା ମୁଖ୍ୟ ରାସ୍ତାରେ ମହୁଲିଭାଟା ଗ୍ରାମ ଛକ ପୋଖରୀ ନିକଟରେ ଟ୍ରକ ଓ ବାଇକ ମୁହାଁମୁହିଁ ଧକା ହେବା ଫଳରେ ଘଟଣା ସ୍ଥଳରେ ଜଣକ ମୃତ୍ୟୁ ହୋଇଯାଇଛି ।ମୃତ ବ୍ୟକ୍ତିର ଜଣକ ହେଉଛନ୍ତି ସମୀର ସାହା ଗ୍ରାମ :-ସୋନପୁର । ଦୁର୍ଘଟଣା ଘଟିବା ପରେ ରାଇଘର ପୋଲିସ କୁ ସୂଚନା ଦିଆଯାଇଥିଲା ଏବଂ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ବର୍ତ୍ତମାନ ଶୋବ କୁ ୧୦୮ ଆମ୍ବୁଲାନ୍ସ ରେ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଟାଯାଇଛି । ଆସନ୍ତା କାଲି ପୋଲିସ ର ତଦନ୍ତ ପରେ ଶବ ବ୍ୟବଛେଦ କରି ପରିବାର ବର୍ଗ କୁ ହସ୍ତାନ୍ତର କରାଯିବ ବଳି ସୂଚନା ମିଳିଚି । ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ।

## ପାପଡ଼ାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଦେଶ ପ୍ରେମୀ ସୁବାଷ ବୋଷ ଙ୍କ ଜୟନ୍ତି ପାଳନ

ନବରଙ୍ଗପୁର ୨୪/୧ (ନି.ପ୍ର): ପାପଡ଼ାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଦେଶ ପ୍ରେମୀ ସୁବାଷ ବୋଷ ଙ୍କ ଡାକରା ର ଆଜାଦ ହିନ୍ଦ ଫୌଜ , କର ବା ମର ଡାକରା, ମୋତେ ରକ୍ତଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି ଏଭଳି ବାର୍ତ୍ତା କୁ କୁ ମନେ ପକାଇ ପ୍ରଧାନ ଶିକ୍ଷକ ସମୂହ ନେତାଜୀଙ୍କୁ ଫୁଲ ଓ ମାଲ ଅର୍ପଣରେ ଡୁମୁରି ପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ,ପକନା ଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଳନ ହୋଇଛି । ଆମ ପାପଡ଼ାହାଣ୍ଡି ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପଣ୍ଡା ନିଜସ୍ୱ ହାତରୁ ମୂର୍ତ୍ତି ସମୁହ ତିଆରି କରି ଦିବସ ପାଳନରେ ପ୍ରତି ମୂର୍ତ୍ତିରେ ମାଲ୍ୟ ଅର୍ପଣ କରି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।କୁନି ପିଲାମାନେ ନେତାଜୀ ଜୟନ୍ତି ପାଳନରେ ମୁଁ ବି ସୁବାଷ ବୋଷ ହେବି ଏଭଳି ଚିନ୍ତା ଧାରାର ଉଭଟ ପାଇଁ ଶିକ୍ଷକ ଓ ସି .ଆର.ସି.ସି .ର କାର୍ଯ୍ୟ ଧାରାକୁ ବିଦ୍ୟାଳୟର ପରିଚ଼ାଳନା କମିଟି ଓ ଗ୍ରାମବାସୀ ପ୍ରଶଂସା କରିଥିଲେ ।

# ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ ଉଦଯାପିତ

ପୋଲସରା ୨୪/୧ (ନି.ପ୍ର):ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଜାନୁଆରୀ ୨୨ ତାରିଖ ଦିନ ଉଦାଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନ୍ସପାଲ ପ୍ରଦୀପ କୁମାର ପରମଗୁରୁବକ ଅଧ୍ୟକ୍ଷତାରେ ଉଦଯାପନୀ ଦିବସ ଅନୁଷ୍ଠିତ ହୋଇଥିଲା । ଉଦଯାପନି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ୟାମ ସୁନ୍ଦର ସାହୁ, କୋଦଳା ଡିଗ୍ରୀ କଲେଜ ଅଧ୍ୟାପକ ଡଃ ବିଷ୍ଣୁ ଚରଣ ସେଠୀ, ମଥୁରା ମହନ୍ତ ସୁନ୍ଦର ରାମଦାସ ମହାରାଜ, ଆଇନଜୀବୀ ତଥା ପୂର୍ବତନ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ କଲେଜ ଅଧକ୍ଷା ଡ଼ ରଞ୍ଜିତା କୁମାରୀ ମିଶ୍ର, ଗୋପବନ୍ଧୁ ହାଇସ୍କୁଲ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଉତ୍ତମ ମତାମତ ଦେଇ ଭବିଷ୍ୟତରେ ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଅଧ୍ୟାପକ ଶିଶିର କାନ୍ତ ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଜତ ଜୟନ୍ତୀ ଶାନ୍ତିପୁର୍ଣ୍ଣ ଭାବେ ଉଦଯାପିତ ହୋଇଥିବା ଯୋଗୁଁ ଅଧ୍ୟାପକ ଆଶିଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସାମ୍ବାଦିକ ବନ୍ଧୁଙ୍କୁ ଉପଢ଼ୌକନ ଦେଇ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରିଥିଲେ । ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ପ୍ରମାଣ ପତ୍ର ଦେଇ ଦେଇ ପୁରସ୍କୃତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ୨୫ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବେଲଗୁଣ୍ଠା ୨୪/୧ (ନି.ପ୍ର): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ୨୫ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠାନ ଅଧକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି ଓ ପ୍ରଭୁ ଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ମନ୍ଦିରରୁ ଆସିଥିବା କ୍ରୀଡ଼ା ମଶାଲକୁ ଅନୁଷ୍ଠାନ ଅଧକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ । ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ,ସନ୍ତୋଷ କୁମାର ପାଣିଗ୍ରାହୀ,ଅଜୟ କୁମାର ବିଶ୍ୱାଳ, ଅଶୋକ କୁମାର ପ୍ରଧାନ,ଡ.ପ୍ରଫୁଲ୍ଲ କୁମାର ଜେନା,ସପନ କୁମାର ପ୍ରଧାନ, ହେମନ୍ତ କୁମାର ନାୟକ,ପ୍ରଶାନ୍ତ କୁମାର ପ୍ରଧାନ, ଅଧ୍ୟାପିକା ପିଙ୍କି ପାତ୍ର,ଲକ୍ଷ୍ମୀ ଗୌଡ଼,ଗ୍ରନ୍ଥାଗାରିକ ରଞ୍ଜିତ୍ କୁମାର ସାମଲ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କ୍ରୀଡ଼ା ଶିକ୍ଷକ ବିଶ୍ୱ ରଞ୍ଜନ ସ୍ୱାଇଁ,ସନ୍ତୋଷ କୁମାର ପେଲେଇ ଏବଂ କ୍ରୀଡ଼ାବିତ୍ ଦିଲ୍ଲୀପ କୁମାର ରେଡି କ୍ରୀଡ଼ା ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ ଓ ପୂଜା ବିଷୋୟୀ, ଯତୀନ୍ଦ୍ର ନାଇକ, ପୂଜା ମଲିକ,ଶୁଭମ୍ ଗୌଡ଼,ଦାଶରଥି ରାଉତ,ପବିତ୍ର ଜେନା ପ୍ରମୁଖ ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଦୌଡ଼, ଲମ୍ଫ ଡ଼ିଆଁ,ଉଚ୍ଚ ଡ଼ିଆଁ,ଡିସ୍କସ୍ ଥ୍ରୋ, ପୁଟ୍ ସଟ୍ ପ୍ରଭୃତି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା ଓ କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ଶିବରାମ ଚୌଧୂରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ଅବକାରୀ ବିଭାଗ ,୫୦ କେଜି ଗଞ୍ଜେଇ ସହ କାର ଜବତ

ପାଟଣା ୨୪/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଢେଙ୍କିକୋଟ ଫାଣ୍ଡି ଅଞ୍ଚଳ ସାନ ମସିଣାବିଲା ପେଟ୍ରୋଲ ପମ୍ପ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ସହ ଏକ କାରକୁ ଜବତ କରିଛି ଅବକାରୀ ବିଭାଗ । ମିଳିଥିବା ସୂଚନା ଅନୁଯାୟୀ ଓଡି ୦୨- କ୍ୟୁ -୮୫୭୪ ନମ୍ବର ଥିବା ଧଳା ରଙ୍ଗର ଏକ ହୋଣ୍ଡାଇ ଭର୍ଣ୍ଣା କାର ରେ ଚୋରା ଗଞ୍ଜେଇ ନେଇ ଚାଲାଣ କରିବାକୁ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ମିଳିତ ଭାବେ ଘଟଗାଁ ଏବଂ ସଦର ଅବକାରୀ ବିଭାଗ ଉକ୍ତ କାରର ପିଛା କରିଥିଲେ । ଏହି ସମୟରେ ସାନ ମସିଣାବିଲା ପେଟ୍ରୋଲ ପମ୍ପ ନିକଟରେ କାର ର ଡ୍ରାଇଭର ଏବଂ ଜଣେ ଗଞ୍ଜେଇ ମାଫିଆ ଗାଡିଟିକୁ ସେଠାରେ ଛାଡି ଦେଇ ଅବକାରୀ ବିଭାଗକୁ ଚକମା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣା ସ୍ଥଳରୁ ଗଞ୍ଜେଇ ସହ ଏହି କାରକୁ ଜବତ କରି ଘଟଗାଁ ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି । ୫୦କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଘଟଗାଁ ଅବକାରୀ ଥାନା ଅଧିକାରୀ ଗିରିଜା ଶଙ୍କର ଜେନା ସୂଚନା ଦେଇଛନ୍ତି । ଦେବଗଡ଼ ରୁ ହାଟଡିହି ଏବଂ ଭଦ୍ରକ ଅଞ୍ଚଳ କୁ ଏହି ଗଞ୍ଜେଇ ଚାଲାଣ ହେବାର ଥିଲା ବୋଲି ଜଣାପଡିଛି । ତେବେ ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଏତେ ପରିମାଣର ଗଞ୍ଜେଇ ଚୋରା ଚାଲାଣ ପଛରେ କାହାର ହାତ ଅଛି ସେନେଇ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ଏହି ଚଢାଉରେ ଘଟଗାଁ ଅବକାରୀ ଥାନା ଅଧିକାରୀ ଗିରିଜା ଶଙ୍କର ଜେନା, ସଦର ଅବକାରୀ ଥାନା ଅଧିକାରୀ ସ୍ୱାଭିମାନ ବଡଜେନାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ।

# କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ରୂପସା, ୨୪/୧ (ନି.ପ୍ର):ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ତରଫରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଲୁଚି ରହିଥିବା ଲକ୍କାୟୁତ କିଶୋର କିଶୋରୀ ପ୍ରତିଭା କୁ ଅନ୍ୱେଷଣ କରିବା ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ରେ ୯ ଟି ସେକ୍ଟରର ୧୦୦ ରୁ ଅଧିକା କିଶୋରୀ ମାନଙ୍କୁ ନେଇ ସଙ୍ଗୀତ , ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତ୍ୱ, ଛୋଟ ନାଟକ ଆଦି ପ୍ରତିଯୋଗିତା ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ସଦର ଗ୍ରାମାଞ୍ଚଳ ସି ଡ଼ି ପି ଓ ରଙ୍ଗଲତା ମହାନ୍ତି, ଚାଇଲ୍ଡ ପ୍ରଟେକ୍ସନ୍ ଅଫିସର ମିନତି ପାତ୍ର, ମେଡିକାଲ ଅଫିସର ଶୁଭାଶିଷ ମହାନ୍ତି , ଚିତ୍ରାଙ୍କନ ବିଚାରକ ଅରୁଣ କୁମାର ବାରିକ , ନୃତ୍ୟ ବିଚାରକ କୈଳାସ ଦାସ ଉପସ୍ଥିତ ରହି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମସ୍ତ ସୁପରଭାଇଜର ସୁଚାରୁ ରୁପେ ପରିଚାଳନା କରିଥିଲେ ।

# ଜାତୀୟ ଶିକ୍ଷାନୀତି କମିଟି ରେ ବୋରିଗୁମ୍ମା ସିଡିପିଓ


ବୋରିଗୁମ୍ମା,୨୪/୧ (ନି.ପ୍ର): ଜାତୀୟ ଶିକ୍ଷା ନୀତି(ଏନ୍ଇପି)ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟିଅରିଂ କମିଟି ଗଠନ କରାଯାଇଥିବା ବେଳେ ଏଥିରେ ସଦସ୍ୟା ଭାବେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସିଡିପିଓ ଗାୟତ୍ରୀ ବାହିନୀପତି ସ୍ଥାନ ପାଇଛନ୍ତି ।ସ୍କୁଲ ଓ ଗଣ ଶିକ୍ଷା ବିଭାଗର ପତ୍ରାଙ୍କ--୧୩୦୪/ ୧୬.୦୧.୨୦୨୫ ରେ ବୋରିଗୁମ୍ମା ସିଡିପିଓ ଗାୟତ୍ରୀ ବାହିନୀପତି ଙ୍କୁ ଜାତୀୟ ଶିକ୍ଷା ନୀତି ର କମିଟି ର ସଦସ୍ୟା ରହିଥିବା ନେଇ ଉଲ୍ଲେଖ ରହିଛି। କମିଟିରେ ମୋଟ ୧୬ ଜଣ ସଦସ୍ୟ ରହିଥିବା ବେଳେ ସେମାନେ ପାଠ୍ୟ ଖସଡା ପ୍ରସ୍ତୁତ କରିବେ। ଆସନ୍ତା ଶିକ୍ଷା ବର୍ଷ ୨୦୨୪-୨୫ ରୁ ସ୍କୁଲ ସ୍ତର ରେ ଜାତୀୟ ଶିକ୍ଷା ନୀତି (ଏନ୍?ଇପି) ଲାଗୁ ହେବ ବୋଲି ଦିନକ ତଳେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।ଏଥିନେଇ ଆସନ୍ତା ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଏନଇପି କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ପ୍ରକାଶ ଥାଉକି ବୋରିଗୁମ୍ମା ଶିଶୁ ବିକାଶ ବିଭାଗ ରେ କାର୍ଯ୍ୟରତ ସିଡିପିଓ ଗାୟତ୍ରୀ



ବାହିନୀପତି ପୂର୍ବରୁ ସର୍ବଭାରତୀୟ ପାଠ୍ୟ ଖସଡ଼ା ପ୍ରସ୍ତୁତି କମିଟିର ସଦସ୍ୟା ରହି ଆସିଛନ୍ତି । ଏହି ଜାତୀୟ ଶିକ୍ଷା ନୀତି କମିଟି ରେ ସଦସ୍ୟା ଭାବେ ମନୋନୀତ ହୋଇଥିବା ଯୋଗୁଁ କୋରାପୁଟ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀମତୀ ବାହିନୀପତି ଙ୍କୁ ଶୁଭେଚ୍ଛା ର ସୁଅ ଛୁଟ୍ଟିରେ ଲାଗିଛି।

## ଉଦୟନାଥ ମହାବିଦ୍ୟାଳୟରେ ଦୁଇ ଦିନିଆଁ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତାମୂଳକ ସମ୍ମିଳନୀ

ନିଆଳୀ, ୨୪/୧ (ନି.ପ୍ର): ଉଦୟନାଥ ମହାବିଦ୍ୟାଳୟ ପରିସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ,ଓଡିଶା, ଆନୁକୁଲ୍ୟରେ ଉଦୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦଘାଟନ ହୋଇଯାଇଛି ଦୁଇଦିନିଆ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତାମୂଳକ ସମ୍ମିଳନୀ। ତା ୧୭.୦୧.୨୦୨୫ରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶାର ଡେପୁଟି ସେକ୍ରେଟାରୀ ପ୍ରଫେସର ଡ଼ ଯଶୋବନ୍ତ ସାମଲ ଏବଂ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ ସେକ୍ରେଟାରୀ ସୂର୍ଯ୍ୟକାନ୍ତ ଦାଶ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ମହାନ୍ତି ସଭାପତି ଭାବରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂ, କାର୍ଯ୍ୟକାରୀ ସଂପାଦିକା ଡ କବିତା ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ




ଅଧ୍ୟାପିକା ନିରୁପମା ମିଶ୍ର । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକା ଅଧ୍ୟାପକ ଆସି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧ୍ୟାପିକା ଅମିତାବାଳା ପାତ୍ର। ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ପ୍ରବନ୍ଧ,ତର୍କ, ସଂଗୀତ, ନୃତ୍ୟ,ଏକକ ଅଭିନୟ ପ୍ରଭୃତି ବିଭିନ୍ନ ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକା/କର୍ମଚାରୀ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ, ଏହି କାର୍ଯ୍ୟକ୍ରମ ରେ ଡ଼ ହିରଣ୍ମୟୀ ମିଶ୍ର, ଅଧ୍ୟାପିକା ମିଲି ଭୂୟାଁ,ଅଧ୍ୟାପକ ବିଜୟ କୁମାର ନାୟକ, ଅଧ୍ୟାପିକା ନମିତା ମହାପାତ୍ର,ବିଶ୍ୱକଳ୍ପିତା ମହାନ୍ତି, ଇପ୍ସିତା ପଟ୍ଟନାୟକ, ଅଧ୍ୟାପକ ବିଭୂତି ଭୂଷଣ ସ୍ୱାଇଁ, ଅଜିତ କୁମାର ସାହୁ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଖୋଲିଲା ଗୁଆଲିପୁର ଧାନମଣ୍ଡି



ଜଗତସିଂହପୁର ତା୨୪।୧(ନିପ୍ର), ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅଧିନ ବହୁ ପ୍ରତିକ୍ଷୀତ ଗୁଆଳିପୁର ଧାନମଣ୍ଡିକୁ ଆଜି ଶୁକ୍ରବାର ତିର୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ନଡିଆ ବାଡେଇ ଶୁଭ ଉଦ୍ଘାଟନ କରିଛନ୍ତି। ଏହି ଧାନମଣ୍ଡି ଉଦ୍ଘାଟନୀ ଉତ୍ସବରେ ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଜ୍ଞାନ ରଂଜନ ପଟ୍ଟନାୟକ, ଜଗତସିଂହପୁର ଆର.ଏମ୍.ସି ର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ବ୍ଲକ୍ ଉପାଧ୍ୟକ୍ଷ ଦେବାଶୀଷ ତ୍ରିପାଠୀ, ଗୁଆଳିପୁର ସରପଂଚ ମନସ୍ୱିନୀ ସାହୁ, ସେବା ସମବାୟ ସମିତିର ସଭାପତି ସୁଧାଂଶୁ ବିଶ୍ୱାଳ, କ୍ରୟ କମିଟି ସଭ୍ୟ ସର୍ବେଶ୍ୱର ପଟ୍ଟନାୟକ, ଜାନକୀବଲ୍ଲଭ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ୍, ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଧାନ ବିକ୍ରୀର ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ କହିଥିଲେ ଯେ ଧାନକୁ ଭଲ ଭାବରେ ଶୁଖାଇ ପରିଷ୍କାର ଧାନକୁ ମଣ୍ଡିରେ ବିକ୍ରୟ କଲେ ମିଲର ଠାରୁ ଉଚିତ୍ ମୂଲ୍ୟ ପାଇପାରିବେ। ଅନ୍ୟପକ୍ଷରେ ଉପସ୍ଥିତ ନେତୃବୃନ୍ଦ ମିଲର ଓ ସମବାୟ ସମିତିର କର୍ମକର୍ତାମାନଙ୍କୁ ଚାଷୀଙ୍କ ସ୍ୱାର୍ଥ ପ୍ରତି ଅଧିକ ଧ୍ୟାନ ଦେବାକୁ ତାଗିଦ୍ କରିଥିଲେ। ସେହିପରି ରେଢୁଆ, ତାରପୁର, ରାଢଙ୍ଗ ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଧାନମଣ୍ଡି ଗୁଡିକୁ ବିଧାୟକ ପ୍ରଫେସର ଶ୍ରୀ ଭୋଇ ଉଦଘାଟନ କରିଥିଲେ। ତେବେ ଅନ୍ୟ ମଣ୍ଡିଗୁଡିକରେ ପ୍ରତିବର୍ଷ ଧାନ କିଣାରେ ବ୍ୟାପକ ଅନୀୟମିତତା ପରିଲକ୍ଷିତ ହେଉଥିବା ବେଳେ ଗୁଆଳିପୁର ଧାନମଣ୍ଡିଟି ସର୍ବଦା ସ୍ୱଚ୍ଛତା ବଜାୟ ରଖିଥାଏ। କାରଣ ଏହି ମଣ୍ଡିର କ୍ରୟ କମିଟିରେ ସବୁ ରାଜନୈତିକ ଦଳ ସମର୍ଥିତ ଚାଷୀଙ୍କୁ ସ୍ଥାନ ଦିଆଯାଇଥାଏ। ଯାହାକି କେହି ଏକତରଫା ଭାବେ ନିଜ ସ୍ୱାର୍ଥ ପାଇଁ ଚାଷୀଙ୍କ ସ୍ୱାର୍ଥକୁ କ୍ଷତିରେ ପକାଇ ନଥାନ୍ତି।

# ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ତୃତୀୟ ଦିବସ ଫାଇନାଲରେ ପ୍ରବେଶ ମଙ୍ଗଳାକ୍ଲବ କଟକ



ବୌଦ୍ଧ, ୨୪/୧ (ନି.ପ୍ର):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ତିଳେଶ୍ୱର ହାଇସ୍କୁଲ ଖେଳପଡିଆ ଠାରେ ବଜାର ଆସୋସିଏସନ ପକ୍ଷରୁ ୨୧ତମ ତିଳେଶ୍ୱର କପ ରାଜ୍ୟସ୍ତରିୟ ଫୁଟବଲ ଟୁର୍ନାମେଣ୍ଟ ପ୍ରଥମ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛ । ପ୍ରଥମ ସେମି ଫାଇନାଲ ମ୍ୟାଚ୍ ବରଗଡ଼ ୟୁନଇଟେଡ଼ ଓ ମଙ୍ଗଳ କ୍ଲବ୍ କଟକ ମଧ୍ୟରେ ରୋମାଞ୍ଚକର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରିନ ଥିଲେ। ଶେଷରେ ଟ୍ରାଏ ବ୍ରେକର ର ସହାୟତା ନିଆ ଯାଇଥିଲା ଏବଂ ଟ୍ରାଏ ବ୍ରେକର ରେ କଟକ ମଙ୍ଗଳା କ୍ଲବ ୫-୪ ରେ ବରଗଡ଼ ୟୁନାଇଟେଡ଼ କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସାଦ ଦାସ୍ ,ସ୍ୱତନ୍ତ୍ର ଅତିଥି ଭାବେ ସରସରା ପଞ୍ଚାୟତ ହରି ନାୟକ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସମିତି ସଭ୍ୟ ତରଣୀ ବାରିକ୍, ଶାମ୍ପୁଟ ସରପଞ୍ଚ କଲ୍ୟାଣୀ ପ୍ରଧାନ, ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ମୁଖ୍ୟ ରେଫରି ଭାବରେ ଲଖନ୍ ସେଟ୍ ପରିଚାଳନା କରିଥିବା ବେଳେ ଲାଇନସ ଭାବେ ଦିଲୀପ ରାଉତ ,ସଲିଲ ବେହେରା ସହଯୋଗ କରିଥିଲେ । ସିମୁନ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ: ମିଳିଲା ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ

ଭୁବନେଶ୍ୱର,୨୪/୧: ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ଆଉ ପାଦେ ଆଗେଇଛି। ଦଶପଲ୍ଲା ଓ ଆଢ଼େଙ୍ଗିଗଡ଼ ରେଳ ସେକ୍ସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ ମିଳିଛି। ୩୦୧ କିମି ବିଶିଷ୍ଟ ଏହି ରେଳ ଲାଇନ ମଧ୍ୟରୁ ଖୋର୍ଦ୍ଧାରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିମି ଓ ବଲାଙ୍ଗୀରରୁ ପୁରୁଣାକଟକ ମଧ୍ୟରେ ୧୨୦ କିମି କାମ ସମ୍ପୂର୍ଣ୍ଣ ହୋଇଛି। ପୁରୁଣାକଟକ ଓ ଦଶପଲ୍ଲା ମଧ୍ୟରେ ବାକି ରହିଥିବା ୭୫ କିମି ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ ଓଡ଼ିଶାର ପରିବହନ ନେଟୱାର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିବାକୁ ବାଟ କଢ଼ାଇ ନେଉଛି। ଏହି ପ୍ରକଳ୍ପ କେବଳ ସଂଯୋଗୀକରଣକୁ ଉନ୍ନତ କରିବନି, ବରଂ ଆର୍ଥିକ ଅଭିବୃଦ୍ଧି ଓ ପରିବେଶଗତ ସ୍ଥିରତାକୁ ସମର୍ଥନ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ରେଳ ପ୍ରକଳ୍ପ ପାଇଁ ୩,୨୭୪.୩୩୬ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ ରହିଥିଲା। ସେଥିମଧ୍ୟରେ ୭୪୬.୪୨ ହେକ୍ଟର ଜଙ୍ଗଲ ଜମି ରହିଥିଲା। ଦଶପଲ୍ଲା ଓ ପୁରୁଣାକଟକ(୧୧୨-୧୮୦ କିମି) ମଧ୍ୟରେ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ ଅନୁମୋଦନ ପରିବେଶଗତ ଆହ୍ୱାନ ରହିଥିଲେ। ଯେଉଁଥିରେ ୫୯୪.୬୧୮ ହେକ୍ଟର ଘନ ଜଙ୍ଗଲ ଅନ୍ତର୍ଭୁକ୍ତ ଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ରାଜ୍ୟ ବନ ବିଭାଗ ସହ ପରାମର୍ଶ କରି ରେଳ ପ୍ରକଳ୍ପ ଟିମ୍ ବ୍ୟାପକ ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ରେଳ ଲାଇନରେ ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ୭୫ କିମି ମଧ୍ୟରେ ୭ଟି ସୁଡ଼ଙ୍ଗ ରହିଛି, ଯାହାର ଲମ୍ବ ୧୨.୭୬ କିଲୋମିଟର। ସେଥିମଧ୍ୟରୁ ବୁଗୁଡ଼ା-ବାଣିଗୋଛା ମଧ୍ୟରେ ୪.୮୮୫ କିମି ଦୈର୍ଘ୍ୟ ଟନେଲ୍ ଏହି ପ୍ରକଳ୍ପର ସବୁଠାରୁ ଲମ୍ବା ଓ ସୁରକ୍ଷା ପାଇଁ ୭୦୦ ମିଟରର ଏକ ଏସ୍କେପ୍ ଟନେଲ୍ ଅନ୍ତର୍ଭୁକ୍ତ। ଟନେଲ୍-୧ ଓ ଟନେଲ୍-୩ ପ୍ରମୁଖ ସଫଳତା ହାସଲ କରିଛି। ୭ଟି ସୁଡ଼ଙ୍ଗ ମଧ୍ୟରୁ ୫ଟିରେ ଖନନ କାର୍ଯ୍ୟ ଶେଷ ହୋଇଛି। ଏହି ରେଳ ଲାଇନ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ। ବଜାର ଚାହିଦା, ଶିଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆକାଂକ୍ଷା ଜିଲ୍ଲାଗୁଡ଼ିକରେ ଏହି ପ୍ରକଳ୍ପ ଉନ୍ନତି ଆଣିବ ବୋଲି ରେଳ ମନ୍ତ୍ରଣାଳୟ ଆଶା ରଖିଛି।




# କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରୂପସା,୨୪/୧ (ନି.ପ୍ର): ସଦର ବାଲେଶ୍ୱର କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ବିଦ୍ୟାଳୟ ମଣିଷ ତିଆରି କାରଖାନା ସଦୃଶ ବୋଲି କହିଥିଲେ। ମୁଖ୍ୟ ବକ୍ତା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ




ଡ଼.ତପନ କୁମାର ବେହେରା, ସମ୍ମାନନୀୟ ବକ୍ତା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୌରହରି ପ୍ରହରାଜ,ବିଦ୍ୟାଳୟ ପ୍ରତିଷ୍ଠାତା ତଥା ବରିଷ୍ଠ ସମାଜସେବୀ ଭଗବାନ ଚନ୍ଦ୍ର ମହାପାତ୍ର,ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ଅଭିଭାଷଣ ରଖିଥିଲେ ।ଶିକ୍ଷକ ଗଣେଶ କୁମାର ପାଢୀ ବେଦପାଠ,ମଞ୍ଚ ଆମନ୍ତ୍ରଣ ଓ ପରିଚାଳନା,ମଞ୍ଚ ଆହ୍ୱାନ କରିଥିବା ବେଳେ କୋମଳଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନାଏକାଣି ଠାକୁରାଣୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଜଗତସିଂହପୁର ୨୪/୧ (ନି.ପ୍ର):ଜିଲ୍ଲା ବିରିଡ଼ି ବ୍ଲକ୍ ଅନ୍ତର୍ଗତ ସଢେଇଶାସନ ଗ୍ରାମ ପଞ୍ଚାୟତ ସ୍ଥିତ ନାଏକାଣି ଠାକୁରାଣୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମନାଭ ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ମଣ୍ଡଳ ଉପଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରକାଶ ରଞ୍ଜନ ଦାସ, ମଞ୍ଚାସିନ ଅନ୍ୟତମ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଭଞ୍ଜ,ବାବାଜୀ ଚରଣ ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ,ବିଜୟ ମହାରଣା, ସୁରେନ୍ଦ୍ରନାଥ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଏଂ ବିଦ୍ୟାଳୟର ଗଣିତ ଶିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବସ୍ତିଆ କାର୍ଯ୍ୟକ୍ରମର




ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଜ୍ୟୋସ୍ନାରାଣୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ।କାର୍ଯ୍ୟକ୍ରମରେ ପଦ୍ମନାଭ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଶନ କରାଯାଇଥିଲା। ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇ ଛାତ୍ରଛାତ୍ରୀଙ୍କୁ ପ୍ରତିଭାକୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ କିଭଳି ବିଦ୍ୟାଳୟର ନାଁ ରଖିବେ ସେନେଇ ଉଦବୋଧନ ଦିଆଯାଇଥିଲା ।ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ ଧୁମଧାମରେ ପରିବେଷଣ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ମଞ୍ଜୁଲତା ରାୟ,ବିଜ୍ଞାନ ଶିକ୍ଷକ ବସନ୍ତ ରାଉତ,ଖେଳ ଶିକ୍ଷକ ପ୍ରଶାନ୍ତ ନାଏକ,ଅନ୍ୟତମ ଶିକ୍ଷୟିତ୍ରୀ ସରିତା ମହାପାତ୍ର,କବିତା ମଞ୍ଜରି ରାଉତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା ।ଶେଷରେ ଶ୍ରୀଯୁକ୍ତ ସୁନନ୍ଦ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଉତ୍ତର ଓଡିଶା ର ଆରାଧ୍ୟା ଦେବୀ ମାଁ ଭଗବତୀଙ୍କ ପ୍ରସିଦ୍ଧ ମକରମେଳା ପାଇଁ ଘଟ ଉତ୍ତୋଳନ

ବସ୍ତା, ୨୪/୧ (ନି.ପ୍ର): ଉତ୍ତର ଓଡିଶାର ଆରାଧ୍ୟା ଦେବୀ ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତର ପୁନ୍ୟ ପୀଠ ପଣ୍ଡରୁଙ୍ଗୀର ମା ଭଗବତୀଙ୍କ ପ୍ରସିଦ୍ଧ ମକରମେଳା ପାଇଁ ଗତକାଲି ସଂଧାରେ ପୁଣ୍ୟତୋୟା ଜଳକା ନଦୀର ତଟ ରୁ ଘଟ ଉତ୍ତୋଳନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଏକ ଭକ୍ତି ମୟ ପରିବେଶରେ ବିଶାଳ ଶୋଭା ଯାତ୍ରାରେ ଘଟ ଯାଇ ମାଙ୍କ ଯଜ୍ଞ ମଣ୍ଡପରେ ସ୍ଥାପିତ ହୋଇଥିଲା ।ଘଣ୍ଟ, କିର୍ତନ,ମାଦଳ,ବାଜା,ବ୍ୟାଣ୍ଡ, ପାରମ୍ପରିକ ଆଦିବସୀ ନୃତ୍ୟରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଳକା ପ୍ରୋଜେକ୍ଟ ଠାରୁ ପଣ୍ଡରୁଙ୍ଗୀ ଶୋଭାଯାତ୍ରା ସମୟରେ ଅଞ୍ଚଳ ର ସମସ୍ତ ପରିବାର ପକ୍ଷରୁ ଧୁପ ଝୁଣା ଫୁଲ ନୈବେଦ୍ୟରେ ବନ୍ଦାପନା କରି ଘଟକୁ ସ୍ୱାଗତ କରିଥିଲେ। ଆସନ୍ତା କୋଡ଼ିଏ ତାରିଖରୁ ଯଜ୍ଞ ଆରମ୍ଭ ସହିତ ଆନୁଷ୍ଠାନିକ ଭାବେ ଉଦଘାଟନ ହେବ ଏବଂ ଭଜନ ସଂଧ୍ୟା ସମେତ ରାଜ୍ୟର ସୁନାମଧନ୍ୟା ପାଲା ଗାୟିକା ଶଶ୍ମିତା ପ୍ରଧାନ ତାଙ୍କ ସାଥି ମାନଙ୍କ ସହିତ ତେଇଶ ତାରିଖ ପର୍ଯ୍ୟନ୍ତ ପାଲା ପରିବେଷଣ କରିବେ ଚବିଶ ତାରିଖ ଠାରୁ ବିଭିନ୍ନ ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ନାଟକ ପରିବେଷଣ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ମେଳା କମିଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।



# ଆସିକା ସମବାୟ ଚିନି ଶିଳ୍ପରେଆଖୁ ପେଡ଼ା କାର୍ଯ୍ୟ ଆରମ୍ଭ

ଆସିକା, ୨୪/୧ (ନି.ପ୍ର):ଗଞ୍ଜାମ ଜିଲ୍ଲା ଆସିକା ସମବାୟ ଚିନି ଶିଳ୍ପରେ ଚଳିତ ବର୍ଷର ଆଖୁ ପେଢ଼ା କାର୍ଯ୍ୟ ଆରମ୍ଭ ହୋଇଛି । ଚିନି ଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୂଜାର୍ଚ୍ଚନା ସହ ଆଖୁପେଢା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗଞ୍ଜାମ ଓ ନୟାଗଡ ଜିଲ୍ଲାରେ ମୋଟ ୨ ହାଜର ଏକର ଜମିରେ ଆଖୁ ଚାଷ ହୋଇଥିବା ବେଳେ ୧୫ ଶହ ଜଣ ଆଖୁ ଚାଷୀ ଆସିକା ଚିନି ଶିଳ୍ପ କୁ ଆଖୁ ଦେବା ପାଇଁ ପଞ୍ଜିକୃତ ହୋଇଛନ୍ତି । ଆଖୁ ଚାଷୀ ମାନଙ୍କୁ ମେଟ୍ରିକ୍ ଟନ୍ ପିଛା ଆଖୁର ଦର ୩୫୦୦ ଟଙ୍କା ନିର୍ଦ୍ଧାରିତ କରାଯାଇଛି । ତେବେ ଆଜି ଠାରୁ ଦିର୍ଘ ୫୦ ଦିନ ଧରି ଏହି ଆଖୁ ପେଢା କାର୍ଯ୍ୟ ଚାଲିବ ବୋଲି ଚିନି ଶିଳ୍ପ ନିର୍ଦ୍ଦେଶକ କହିଛନ୍ତି । ଚଳିତ ବର୍ଷ ପ୍ରାୟ ୫୦ ହଜାର ମେଟ୍ରିକ୍ ଟ୍ରନ ଆଖୁ ପେଢିବାର ଧାର୍ଯ୍ୟ ଲକ୍ଷ କରାଯାଇଛି । ବିଗତ ଦଶ ବର୍ଷ ତଳେ ଆସିକା ଚିନି ଶିଳ୍ପରେ ଦୁଇ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ପେଢା ହେଉଥିଲା । ବର୍ତ୍ତମାନର ବିଭିନ୍ନ ସମସ୍ୟା ଯୋଗୁଁ ଲଗାତାର ଜିଲ୍ଲାରେ ଆଖୁ ଚାଷ ଓ ଚାଷୀଙ୍କ ସଂଖ୍ୟା କମୁଥିବା ନଜର ଆସିଛି । ତେବେ ଆଗକୁ ସେସବୁ ସମସ୍ୟାର ସମାଧାନ କରାଯିବା ସହ ଆଗାମୀ ବର୍ଷରେ ଆସିକା ଚିନି ଶିଳ୍ପ ପକ୍ଷରୁ ଚାଷୀମାନଙ୍କୁ ଉତ୍ସାହିତ କରି ଦୁଇ ଲକ୍ଷ ମେଟ୍ରିକ୍ ଟ୍ରନ ଆଖୁ ଉତ୍ପାଦନ କରାଯିବା ନେଇ ଲକ୍ଷ ରଖାଯାଇଛି ।

# ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ

ଦାନଗଦୀ ୨୪/୧ (ନି.ପ୍ର): ଦାନଗଦୀ ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ନୋଡାଲ ଓ ଉଚ୍ଚ ବିଦ୍ୟାଳୟର ତିନି ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି,ପ୍ରଥମ ରୁ ଦଶମ ପ୍ରଯ୍ୟନ୍ତ ସମୁଦାୟ ପାଞ୍ଚଶହ ଛାତ୍ର ଛାତ୍ରୀ ବିଭିନ୍ନ ଖେଳରେ ଭାଗ ନେଇଥିଲା ବେଳେ ୧୫୦ ଜଣ ଛାତ୍ର ଛାତ୍ରୀ ପୁରସ୍କୃତ ହୋଇଥିଲେ, ଆଜିର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସରପଞ୍ଚ ମାନସ ରଣା, ଜୟକୃଷ୍ଣ ପୃଷ୍ଟି, ଗଙ୍ଗାଧର ପାତ୍ର, ଜୟକୃଷ୍ଣରଣା, ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ରଣା, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଭୂୟାଁ, ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନ୍ଦରୀ ବିରୁଆ, ସୁବାଷ ଚନ୍ଦ୍ର ସାହୁ, ସାମ୍ବାଦିକ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ, କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ସାହୁ ଏହି ଅବସରରେ ହୋଇଥିବା ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଅଭିଷେକ ବେହେରା ସହଯୋଗ କରିଥିଲେ, ବିଭିନ୍ନ ଖେଳ ରେ ଭାଗ ନେଇ ବିଜୟୀ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, କପ, ବିଭିନ୍ନ ପାଠ୍ୟଉପକାରଣ ଓ ପୁଷ୍ପ ଗୁଚ୍ଛ ଦେଇ ଉତ୍ସାହିତ କରାଯାଇଥିଲା, ଉଚ୍ଚ ବିଦ୍ୟାଳୟର ଛାତ୍ର କାଳୀ ଚରଣ ସହର ଓ ଛାତ୍ରୀ ରୀମା ବହଳ ଚଳିତ ବର୍ଷ କ୍ରୀଡାରେ ଚାମ୍ପିୟନ ହୋଇଥିବା ବେଳେ ନୋଡାଲ ବିଦ୍ୟାଳୟର ଛାତ୍ର ରାମ ଚାକିଆ ଓ ଛାତ୍ରୀ ଅର୍ପିତା ମହାପାତ୍ର ଚାମ୍ପିୟାନ ହୋଇଛନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ, ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


## Affidavit

By Virtue of as affidavit it sworn before Executive Magistrate Bhubaneswar, dt. 13.11.2019, I, Basant Kumar Mallick, S/o- late Dhurba Charan Mallick, resident of At- Olansh, Po- Bilasuni, Ps- Niali, Dist- Cuttack, Pin- 754004, Odisha declared that my correct name is Basant Kumar Mallick which has been reflected in the Pension Book bearing PPO No. 3351266/LPR. That my name has wrongly been recorded as Basanta Mallick instead of Basant Kumar Mallick in the Aadhaar Card No- 490195309956. That both the aforesaid Basant Kumar Mallick and Basanta Mallick is one and same person.

That, my correct date of birth is 21.02.1945, which has been reflected in the PPO No. 351266/LPR, but in the said Aadhaar Card, the year of birth has been recorded as 1947 instead of Date of Birth is 21.02.1945.

That, my residential address is At- Olansh, Po- Bilasuni, Ps- Niali, Dist- Cuttack, Odisha which is my correct residential address, but in the said Aadhaar Card, my address has been recorded as Bilasuni, Niali, Olansa, Cuttack- 754004, Odisha.

That, it is used for correction of Aadhar Card purpose.

Basant Kumar Mallick


PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ